## ସଂକ୍ଷେପରେ

### ଟଙ୍କା, ସୁନା ଅଳଙ୍କାର ଭର୍ତ୍ତି ବାକ୍ସ ଚୋରି

**ରସୁଲପୁର,୧୦।୯(ରଂଜିତ ରାଉତ):** କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ଗଣେଶପାଟଣା ଗ୍ରାମର ସୁରେଶ କୁମାର ସାହୁଙ୍କ ଘରୁ ସୋମବାର ରାତିରେ ଟଙ୍କା, ସୁନା ଅଳଙ୍କାର ଭର୍ତ୍ତି ବାକ୍ସ ଚୋରି ହୋଇଯାଇଛି ବୋଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୁରେଶଙ୍କ ପରିବାର ଲୋକେ ଶୋଇପଡିଥିବାସମୟରେ ଦୁର୍ବୃତ୍ତ ସେମାନଙ୍କ ଘରେ ପଶି ଭିତରେ ଥିବା ଏକ ଟିଣ ବାକ୍ସ ସମେତ ଅନ୍ୟାନ୍ୟ ସାମଗ୍ରୀ ନେଇ ଯାଇଛନ୍ତି। ଉକ୍ତ ବାକ୍ସରେ ୬୦ ହଜାର ଟଙ୍କା, ସୁନା ଚେନ୍, ୧୧ଟା ସୁନା ପଦକ, ସୁନା ମୁଦି, ରୁପା ପାଉଁଜୀ ୧ହଳ ଥିଲା। ଏହାଛଡ଼ା ଘରେ ଥିବା ଅନ୍ୟ ଆଟାଚ ଓ ବାକ୍ସଗୁଡିକୁ ଦୁର୍ବୃତ୍ତ ନେଇଯାଇଥିଲେ। ସେଗୁଡିକୁ ବାହାରେ ଫୋପାଡି ଦେଇ ଚାଲି ଯାଇଥିବାବେଳେ ବାକ୍ସ ଭିତରେ ଥିବା ସୁନା ଅଳଙ୍କାର ଓ ଟଙ୍କାକୁ ନେଇଯାଇଛନ୍ତି।

### ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି

**ଯାଜପୁର ଟାଉନ,୧୦।୯(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ସଦର ମହକୁମାସ୍ଥିତ ଗାନ୍ଧୀଛକ ନିକଟରେ ସୋମବାର ବିଏସଏନ୍ଏଲ୍ କେବୁଲ ମରାମତି ସମୟରେ ଗୁରୁତର ହୋଇଥିବା ଶ୍ରମିକ ପ୍ରିୟବ୍ରତ ଷଡ଼ଙ୍ଗୀଙ୍କ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମଙ୍ଗଳବାର କଟକରୁ ମୃତଦେହ ଫେରିବା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଯାଜପୁର ବିଏସଏନଏଲ୍ ମୁଖ୍ୟାଳୟ ସମ୍ମୁଖରେ ମୃତଦେହ ରଖି ତାଙ୍କ ପରିବାର ପରିବାର ସଦସ୍ୟ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି। ସୋମବାର କାମ କରୁଥିବା ସମୟରେ ଗର୍ତ୍ତରେ ଫସିଯାଇଥିଲେ ଦୁଇ ଶ୍ରମିକ। ଉପର ମାଟି ଧସିଯାଇ ଘଟିଥିଲା ଏଭଳି ଦୁର୍ଘଟଣା। ସେଠାରେ ମୋଟ ୫ ଶ୍ରମିକ ନିୟୋଜିତ ଥିବାବେଳେ ଉପରୋକ୍ତ ୨ଜଣ ଶ୍ରମିକଙ୍କୁ କାମ ପାଖରେ ଛାଡି ୩ ଶ୍ରମିକ ଖାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଦୀର୍ଘ ପ୍ରୟାସ ପରେ ୨ କର୍ମଚାରୀ ଗୌରହରୀ ପଣ୍ଡା ଓ ପ୍ରିୟବ୍ରତ ଷଡ଼ଙ୍ଗୀକୁ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ। ଗୌରହରୀଙ୍କ ଗୁରୁତର ଥିବା ବେଳେ ପ୍ରିୟବ୍ରତଙ୍କ କଟକରେ ମୃତ୍ୟୁ ଘଟିଛି। ପ୍ରିୟବ୍ରତଙ୍କର ୨ ଛୋଟ ଝିଅ ଅଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପ୍ରିୟବ୍ରତ ବିଏସଏନଏଲ୍ ସଂସ୍ଥାର ଅସ୍ଥାୟୀ କର୍ମଚାରୀ ଥିବା କୁହାଯିବା ସହ ତାଙ୍କ ପରିବାରକୁ ମୃତଦେହ ସତ୍କାର ପାଇଁ ୪୦ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଇଛି। ୩ଲକ୍ଷ ଟଙ୍କା ଓ ମାସିକ ଭତ୍ତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ୫୬ ପ୍ରତିଶତ ଡାକ୍ତର ପଦବୀ ଖାଲି

**ଯାଜପୁର/ଯାଜପୁର ସଦର(ହର୍ଷବର୍ଦ୍ଧନ ବେହେରା/ସମର ବିଜୟ ଶରଣ), ୧୦।୯:** ଯାଜପୁର ଜିଲାର ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୬ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଛି । ଜିଲା ସଦର ଡାକ୍ତରଖାନା ହେଉ କି ଗୋଷ୍ଠୀ ଓ ପ୍ରାଥମିକ ଡାକ୍ତରଖାନା, ଯନ୍ତ୍ରପାତି-ଚିକିତ୍ସା ଉପକରଣ ଥାଉ କି ନ ଥାଉ ଡାକ୍ତର ନ ଥିଲେ ସବୁ ଅସାର । ଯାଜପୁର ଜିଲାର ସମସ୍ତ ଡାକ୍ତରଖାନା ବିଗତ ୮୦ ଦଶକରୁ ଏହି ଅବସ୍ଥାରେ ଚାଲିଛି । ନିୟମ ଅନୁଯାୟୀ ସରକାର ମଞ୍ଜୁରୀ ଦେଇଥିବା ପଦବୀ ପୁରଣ ହୋଇ ପାରୁ ନ ଥିବାରୁ ରୋଗୀ ଆବଶ୍ୟକ ଚିକିତ୍ସା ନ ପାଇ ଅଧିକାଂଶ ସମୟରେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଏହାର ସୁଯୋଗରେ କଟକ, ଭୁବନେଶ୍ୱର, ଯାଜପୁର ଓ ଯାଜପୁରରୋଡ଼ର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ ବ୍ୟାସନଗର ଓ ଯାଜପୁର ସହରର ବିଭିନ୍ନ ଔଷଧ ଦୋକାନ ଓ କ୍ଲିନିକରେ ମୋଟା ଅଙ୍କର ଫି ନେଇ କାମ କରୁଛନ୍ତି । ଏଥିପାଇଁ ସରକାରୀ ଚାକିରୀରେ ଥିବା ଡାକ୍ତରମାନେ ଅଧିକାଂଶ ସମୟରେ ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଭିଯୋଗ ହୋଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୪୫୭ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ମାତ୍ର ୨୦୨ ଜଣ ଅଛନ୍ତି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଲେଖାଏଁ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ସର୍ଜରୀ, ମେଡ଼ିସିନ ଓ ଅନ୍ୟ ଜଣେ ଶିଶୁ ରୋଗ ବିଶେଷଜ୍ଞ ନିଯୁକ୍ତି ହେବାର ନିୟମ ରହିଛି। ଏହାବାଦ୍ ଅନ୍ୟ ୧୫ ଜଣ ଡାକ୍ତର ଚିକିତ୍ସା କରିବେ। କିନ୍ତୁ ଏହା କେବଳ କାଗଜ କଲମରେ ସୀମିତ ରହିଛି। ଜିଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୧ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ମାତ୍ର ୧୭ ଜଣ ଅଛନ୍ତି। ସେହିପରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୭ରୁ ୧୦, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ ରୁ ୧୨ ଜଣ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ ରୁ ୧୧,

**ଯାଜପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**




ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ରୁ ୯ ଜଣ, ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ରୁ ୧୧ ଜଣ, ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ରୁ ୮ ଜଣ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ରୁ ୧୧ ଜଣ, ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୯ରୁ ୧୪ ଜଣ, ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ରୁ ୩ ଜଣ, କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୭ ରୁ ୧୦ ଜଣ ଓ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୨ରୁ ୨୨ ଜଣ ରହିଛନ୍ତି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪୦ରୁ ମାତ୍ର ୫୮ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଜିଲାର ସଦର ଡାକ୍ତରଖାନା ସମେତ ବିଭିନ୍ନ ଡାକ୍ତରଖାନାରେ ସିଟି ସ୍କାନିଂ, ଅଲଟ୍ରାସାଉଣ୍ଡ, ଏକ୍ସରେ, ଇସିଜି ଆଦି ମେଶିନ ରହିଥିଲେ ମଧ୍ୟ ଆବଶ୍ୟକ ଡାକ୍ତର ଅଭାବରୁ ସେଗୁଡିକ ଠିକ୍ ଭାବେ ରୋଗୀଙ୍କ କାମରେ ଲାଗୁନାହିଁ । ସାମାନ୍ୟ ରୋଗ ପାଇଁ କଟକ କିମ୍ବା ଭୁବନେଶ୍ୱରକୁ ରେଫର କରାଯାଉଛି। ଏଥିରୁ ଘରୋଇ ଡାକ୍ତରଖାନା ଓ ପାଥୋଲ୍ୟାବ୍ ମାଲିକମାନେ ରୋଗୀଙ୍କୁ ଶୋଷଣ କରି ମାଲାମାଲ୍ ହେଉଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁର ରୋଡ଼ ସହର ଲୋକସଂଖ୍ୟା ବେସରକାରୀ ଭାବେ ଦେଢ ଲକ୍ଷ ଟପିଲାଣି। ହେଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମି ସାଙ୍ଗକୁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ସହରବାସୀଙ୍କୁ ବ୍ୟଥିତ କରିଛି। ଆର୍ଥିକ ସ୍ୱଚ୍ଛଳବର୍ଗର ଲୋକମାନେ ୩୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଡାକ୍ତର ଫି ଦେଇ ସ୍ୱାସ୍ଥ୍ୟସେବା ପାଉଥିବାବେଳେ ଗରିବ ନୀରିହ ଲୋକମାନେ ସେଥିରୁ ବଞ୍ଚିତ ହେଉଛନ୍ତି । ଚିକିତ୍ସାସେବା ନାମରେ ଏଠାରେ ୩୦ଶଯ୍ୟା ବିଶିଷ୍ଟ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରହିଛି । ଲୋକସଂଖ୍ୟା ତୁଳନାରେ ଏଠାରେ ଉପଖଣ୍ଡସ୍ତରୀୟ କିମ୍ବା ସୁପରସ୍ପେଶିଆଲିଟି ଡାକ୍ତରଖାନା ପାଇଁ ଦାବି ହେଉଥିଲେ ବି କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କୁ ଡାକ୍ତର ଅଭାବ ବିଷୟରେ ଅବଗତ କରିଛୁ। ଖୁବ୍‌ଶୀଘ୍ର ପଦବୀ ପୂରଣ ହେବ ।

### ଥଙ୍ଗା ମଜାରୁ ଗୋଷ୍ଠୀ ସଂଘର୍ଷ, ଜଣେ ଗୁରୁତର

**ଚଣ୍ଡିଖୋଲ,୧୦।୯(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରି ପଲେଇ ଗ୍ରାମରେ ମଙ୍ଗଳବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଜଣେ ବ୍ୟକ୍ତି ଶାବଳ ଭୁଷି ଦେବାରୁ ଏଥିରେ ପାରିପଲେଇ ଗ୍ରାମର ଶକ୍ତିସ୍ୱରୂପ ମହାପାତ୍ର (୨୦) ଗୁରୁତର ହୋଇଛନ୍ତି। ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣି ଉତ୍ସବ ଥିଲା। ଏହା ପୂର୍ବରୁ ମଣ୍ଡପରୁ କପଡ଼ା ଖୋଲା ଯାଉଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଯୁବକମାନଙ୍କ ମଧ୍ୟରେ ଥଟାମଜା କଥା ଚାଲିଥିଲା। ଥଙ୍ଗାମଜାରୁ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହି ବଚସାରୁ ଜଣେ ଯୁବକ ଘରୁ ଏକ ଶାବଳ ଆଣି ଶକ୍ତିସ୍ୱରୂପଙ୍କ ପେଟରେ ଭୁଷି ଦେଇଥିଲେ। ବ୍ୟାପକ ରକ୍ତସ୍ରାବ ହେବାରୁ ତାଙ୍କୁ ମେଡିକାଲ ପଠାଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

## ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ




ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ଯାଜପୁର ଟାଉନ,୧୦।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଧର୍ମଶାଳା ଥାନା ଅଧୀନ ଅଭୟପୁର ଗ୍ରାମର ନରହରି ବେହେରାଙ୍କ ନାବାଳକ ପୁତ୍ର ରୁଦ୍ରନାରାୟଣ ବେହେରା(ଲକି)ଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏନେଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଲକିଙ୍କୁ କିଛିଦିନ ତଳେ ସେହି ଅଞ୍ଚଳରେ ସରକାରୀ ଜମିରେ ଜବରଦଖଲ କରି ରହୁଥିବା କିଛି ନିର୍ଦ୍ଦିଷ୍ଟ ସଂପ୍ରଦାୟର ବ୍ୟକ୍ତି ଅପହରଣ କରି ନେଇଥିଲେ। ପରେ ରଥିଆ ଗ୍ରାମ ନିକଟରେ ବିଭତ୍ସ ଭାବେ ହତ୍ୟା କରି ଧବଳେଶ୍ୱର କ୍ରଶର ନିକଟ ଶଗଡ଼ିଆ ନାଳରେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ଏକାଧିକ ବ୍ୟକ୍ତି ସଂପୃକ୍ତ ଥିବା ବଜରଙ୍ଗ ଦଳ ଅଭିଯୋଗ କରିବା ସହ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି କହିଛି। ସେହିପରି ବାଂଲାଦେଶୀ ରୋହିଙ୍ଗା ଉକ୍ତ ଅଞ୍ଚଳରେ ରହି ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ଥିବା ବଜରଙ୍ଗ ଦଳ ଅଭିଯୋଗ କରିବା ସହ ସେମାନଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ବଜରଙ୍ଗ ଦଳ ପକ୍ଷରୁ ଚନ୍ଦ୍ରକାନ୍ତ କର, ବସନ୍ତ କୁମାର ପଣ୍ଡା, କିଶୋର ସାମଲ, ବିବେକାନନ୍ଦ ଜେନା ସମେତ ଶତାଧିକ କର୍ମୀ ଏକ ବାଇକ ଶୋଭାଯାତ୍ରାରେ ଆସି ଜିଲାପାଳ କାର୍ଯ୍ୟାଳୟଙ୍କ ସମ୍ମୁଖରେ ବିକ୍ଷୋଭ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ଧର୍ମଶାଳାରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଧର୍ମଶାଳା,୧୦।୯ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ଅଭିଯୋଗ ଆସିଥିବାବେଳେ ୯୯ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଅଭିଯୋଗଗୁଡ଼ିକ ମଧ୍ୟରେ ୪୫ ବ୍ୟକ୍ତିଗତ, ୬ ସାମୂହିକ, ୩୨ ରେଡକ୍ରସ ସହାୟତା ଓ ୬୭ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଲାଗି ରହିଥିଲା। ଏହି ଜନଶୁଣାଣିରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଉପଜିଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଜିଲପାଳ ନବକିଶୋର ଜେନା, ଏସପି ଭିନୀତ ଅଗ୍ରୱାଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, ଡିସିପିଓ ନିରଞ୍ଜନ କର ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ଏବିଡିଓ ଅଶିତ କୁମାର ପାତ୍ର ଏହାକୁ ପରିଚାଳନା କରିଥିଲେ। ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ପରିବେଶ ସଚେତନତା, ଚାରାରୋପଣ




ଓଁଙ୍କାର ସୋସିଆଲ ଅର୍ଗାନାଇଜେଶନ କର୍ମକର୍ତ୍ତା ଚାରା ରୋପଣ କରୁଛନ୍ତି ।

**ବରୀ,୧୦।୯(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅଧୀନ ଧାରପୁର ଓଁଙ୍କାର ସୋସିଆଲ ଅର୍ଗାନାଇଜେଶନ ପକ୍ଷରୁ ନୂଆଖାଇ ଅବସରରେ ପରିବେଶ ସଚେତନତା ସହିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ଗୀତିକାର ଦିଲୀପ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାରପୁର ପଞ୍ଚାୟତ ଅର୍ନ୍ତଗତ କେନ୍ଦୁଆବଟ ପଡ଼ିଆଠାରୁ ନଳବାଙ୍କ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଚାରାରୋପଣ କରାଯାଇଛି। ପରେ ଏକ ସଚେତନତା ଶୋଭାଯାତ୍ରା ବଟ ପଡ଼ିଆଠାରୁ ବାହାରି ନାଥପୁର, ବାଲିଆ କଲେଜ ଛକ, ଇଶାଣପୁର, ପଟଣା, ସାହୁପଡ଼ା, ହଳଦୀବସନ୍ତ, ସୀମାନ୍ତମୁଣ୍ଡ, ଧାରପୁର ଆଦି ଗ୍ରାମ ପରିକ୍ରମା କରିଥିଲା। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଯେ କେତେ ଜରୁରୀ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଗାନାଇଜେଶନର ସମ୍ପାଦକ ଅଶ୍ୱିନୀ କୁମାର ପାହାନ୍ତାସିଂ, କୋଷାଧ୍ୟକ୍ଷ ଗୁରୁଚରଣ ଦାସ, ବସନ୍ତ କୁମାର ଭୂୟାଁ, ଭାଜପା କାର୍ଯ୍ୟକର୍ତ୍ତା ମନୋଜ ମହାପାତ୍ର, ତୁଷାରକାନ୍ତ ଶ୍ୟାନ୍ତି, କିଶୋର ଚନ୍ଦ୍ର ଦାସ, ହେମନ୍ତ କୁମାର ସାହୁ, ଶଙ୍କର୍ଷଣ ସେଠୀ, ସାମାଜିକ କର୍ମୀ ସତ୍ୟରଞ୍ଜନ କର, ଅଜୟ କୁମାର ସାହୁ, ମନୋଜ ମହାପାତ୍ର, ଶ୍ୟାମସୁନ୍ଦର ପରମାଣିକ ଓ ତୁଷାରକାନ୍ତ ଶ୍ୟାନ୍ତି (ଲିଟିଲ) ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ରେଳପଥ ପ୍ରକଳ୍ପ ମଞ୍ଜୁର ପାଇଁ ଧାରଣା

**ଯାଜପୁର ଟାଉନ,୧୦।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ପରାମର୍ଶ କ୍ରମେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିଷଦ ପକ୍ଷରୁ ଧାରଣା ଦିଆଯାଇଛି। ଏଥିସହିତ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରେଳ ବୋର୍ଡର ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦର ଉପଦେଷ୍ଟା ଶିଶିର ନାୟକଙ୍କ ସଭାପତିତ୍ୱରେ ପରିଷଦର ସଂଯୋଜକ ପଦ୍ମାକର ଗୁରୁ ଧାରଣାକୁ ପରିଚାଳନା କରିଥିଲେ। ଆବାହକ ସନ୍ତୋଷ କୁମାର ନନ୍ଦ କହିଥିଲେ, ପୂର୍ବତଟ ରେଳବାଇ ମହାପ୍ରବନ୍ଧ ପରମେଶ୍ୱର ପଙ୍କୱାଲ୍ ବୃତାନ୍ତ ସବିଶେଷ ପ୍ରକଳ୍ପ ତଥ୍ୟକୁ ରେଳବୋର୍ଡ ଅଧ୍ୟକ୍ଷ ଓ ରେଳମନ୍ତ୍ରାଳୟକୁ ପ୍ରେରଣ କରିବାର ବିଳମ୍ବ କରୁଥିବାରୁ ଯାଜପୁର ରୋଡ-ଧାମରା ରେଳପଥ ପ୍ରକଳ୍ପ ବାବଦରେ ରେଳମନ୍ତ୍ରୀ ବ୍ୟୟବରାଦ ନ କରିବା ୩ ଜିଲାବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଉପଦେଷ୍ଟା ଅଞ୍ଚଳ ଦାସ ଓ ରାଜ କିଶୋର ପଣ୍ଡା ଯୋଗଦେଇ ଏହି ରେଳପଥ ହେଲେ ୩ଟି ଜିଲାର ୧୨ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭର କରିବେ ବୋଲି ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ, ଅରୁଣ ରାଉତରାୟ, ଆଦିତ୍ୟ ମେକାପ ପ୍ରମୁଖ ଉପସ୍ଥିତ ରହି ଦାବିକୁ ସମର୍ଥନ ଜଣାଇଥିଲେ। ଆଗାମୀ ୧୮ ତାରିଖରେ ଭୁବନେଶ୍ୱରସ୍ଥିତ ରେଳ ସଦନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ଧାରଣା ଓ ପ୍ରତିବାଦ ସଭାରେ ପ୍ରାକ୍ତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଅଧିକାରୀ ନବକିଶୋର ଦାସ, ଯାଜପୁର ବିକାଶ ପରିଷଦ ଅଧ୍ୟକ୍ଷ ତପନ ମହାରଣ୍ୟ, ଅଭିମନ୍ୟୁ ମିଶ୍ର, ଭରତ ବେହେରା, ବିଭୂତି ମହାପାତ୍ର, ଅକ୍ଷୟ ଶତପଥୀ, ନିକୁଞ୍ଜ ସାମଲ,ବିଜୟ ମହାପାତ୍ର, ଗଣେଶ୍ୱର ଦାସ, ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ମହିଳା ଛତୁ ଉଦ୍ୟୋଗୀ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁଙ୍କ ସହ ମହିଳା ଛତୁ ଉଦ୍ୟୋଗୀମାନେ ।

**ପାଣିକୋଇଲି,୧୦।୯(ବିକାଶ ମଲ୍ଲିକ):** ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ୍ୟ କୁମାର ପାତ୍ର ଓ ମହାସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାସଂଘର ୧୯ ଜଣିଆ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଓଡ଼ିଶାରେ ଛତୁ ଚାଷକୁ ବ୍ୟାପକ କରିବା ସହିତ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଯାଜପୁର ଜିଲା (ପାଣିକୋଇଲି)ର ମହିଳା ଛତୁ ଉଦ୍ୟୋଗୀ ଅନିତା ରାଣୀ ନନ୍ଦୀ ଓ ତାଙ୍କ ସ୍ୱାମୀ ନିତ୍ୟାନନ୍ଦ ଦାସ (ଛତୁ ଉତ୍ପାଦନକାରୀ ମହାସଂଘ ଯାଜପୁର ଜିଲା ଶାଖାର କୋଷାଧ୍ୟକ୍ଷ) କିପରି ଭାବେ ଚୀନ ଓ ଥାଇଲାଣ୍ଡରେ ଉତ୍ତମ ଛତୁ ଚାଷ ଏବଂ ବିହନ ଉତ୍ପାଦନର ତାଲିମ ମିଳିପାରିବ ସେ ବିଷୟରେ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି। ସୋଲାନ ବିଶ୍ୱବିଦ୍ୟାଳୟ(ଛତୁ ଗବେଷଣା କେନ୍ଦ୍ର)ଠାରେ ଜାତୀୟ ଛତୁ ମେଳାରେ ମଧ୍ୟ ଗୁରୁବାର ଯୋଗଦେଇ ନିଜର ମନ୍ତବ୍ୟ ଉପସ୍ଥାପନା କରିବେ ବୋଲି ପ୍ରକାଶ କରିଛନ୍ତି।

## ଜାରକା-କବାଟବନ୍ଧ ରାସ୍ତା ଆଲୋକୀକରଣ ଦାବି

- ବଢୁଛି ଦୁର୍ଘଟଣା
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

**ଜେନାପୁର,୧୦।୯(ଅଶୋକ ଦାସ):** ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତା ଆଲୋକୀକରଣ ନିମନ୍ତେ ଦାବି ହୋଇଛି। ଧର୍ମଶାଳା ଥାନା ଓ ଜେନାପୁର ଥାନା ଅନ୍ତର୍ଭୁକ୍ତ ଏହି ରାସ୍ତା ପଡ଼ୋଶୀ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଛି। ଏହା ୨୫ କିଲୋମିଟର ରାସ୍ତା। ତେବେ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ରାତିରେ ଯାତାୟାତ କରିବାରେ ଲୋକେ ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ନାନା ଆପରାଧିକ କାର୍ଯ୍ୟକଳାପ ଘଟୁଛି। ରାସ୍ତାଟି କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜେନାପୁର ସ୍ୱାସ୍ଥ୍ୟକେନ୍ଦ୍ର, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସ୍କୁଲ, କଲେଜ, ବ୍ୟବସାୟୀ ସ୍ଥାଳୀ ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯୋଡ଼ିହୋଇଛି। ଏହି ରାସ୍ତାରେ ବହୁ ଲୋକ ଯାତାୟାତ କରୁଛନ୍ତି। ଏପରି କି ବ୍ରାହ୍ମଣୀ ନଦୀବନ୍ଧର କଲଣ-କୁସ୍ତିରା ଓ ଯାବରା-ଜେନାପୁର ପୋଲ ଏହି ରାସ୍ତା ସଂଯୋଗ ହୋଇଛି। ପୋଲ ୨ ପାର୍ଶ୍ୱରେ ଟ୍ରାଫିକ ବ୍ୟବସ୍ଥା ନାହିଁ କି କୋଣସି ଲାଇଟ ମଧନାହିଁ। ରାସ୍ତା ଚୌଡ଼ାଥିବାରୁ ବିଭିନ୍ନ ଦିଗରୁ ଆସୁଥିବା ଗାଡ଼ିମୋଟର କିଏ କେଉଁ ଦିଗକୁ ଯାଉଛନ୍ତି ତାହା ଜଣାପଡୁନାହିଁ। ଫଳରେ ଲୋକେ ଦୁର୍ଘଟଣାରେ ଶିକାର ହେଉଛନ୍ତି। ତେଣୁ ରାସ୍ତାକୁ ଆଲୋକୀକରଣ କରିବା କ୍ଷେତ୍ରରେ ଯାଜପୁର ଜିଲାପାଳ ଓ ଧର୍ମଶାଳା ବିଧାୟକ ତୁରନ୍ତ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



### ଏମାନେ କୁହନ୍ତି...



“ଏହି ରାସ୍ତା ବହୁ ପୁରାତନ। ବର୍ତ୍ତମାନ ଏହି ରାସ୍ତାରେ ଶତାଧିକ ଗାଡ଼ିମୋଟର ଯାତାୟାତ କରୁଛି। ଲୋକମାନେ ପ୍ଲାଣ୍ଟ ଯାଉଛନ୍ତି। ରାସ୍ତା ଅନ୍ଧାର ରହିବା ଦ୍ୱାରା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲାଇଟ ବ୍ୟବସ୍ଥା କରାଗଲେ ଜନସାଧାରଣ ବହୁ ଉପକୃତ ହେବେ।

**-କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଜେନାପୁର ପୂର୍ବତନ ସରପଞ୍ଚ**



“କଳିଙ୍ଗନଗର ଶିଳ୍ପାଞ୍ଚଳର ବୃହତ ଉଦ୍ୟୋଗ ଗଡ଼ିକରେ ଉତ୍ପାଦନ ବଢ଼ିବା ପରେ ହାଜର ହାଜର ଶ୍ରମିକ ଦିନରାତି ଜାରକା-କବାଟବନ୍ଧ ବ୍ରାହ୍ମଣୀବ୍ରିଜ ରାସ୍ତାରେ ଯାତାୟାତ କରୁଛନ୍ତି। ମାତ୍ର ଏହି ରାସ୍ତାରେ ଲାଇଟ ନ ଥିବାରୁ ସନ୍ଧ୍ୟା ଓ ରାତି ସମୟରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଜିଲାର ବିଭିନ୍ନ ସ୍ଥାନକୁ ସଂଯୋଗ କରୁଛି। ତେଣୁ ଶୀଘ୍ର ଆଲୋକୀକରଣ ବ୍ୟବସ୍ଥା କରାଯିବାର ଦରକାର।

**-ସରୋଜକାନ୍ତ ବେହେରା, ଯୁବସାମାଜିକ କର୍ମୀ**



“ଏହି ୨୫ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ଫଳରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଲାଇଟ ଲାଗିଲେ ବହୁ ଲୋକ ଉପକୃତ ହେବେ। ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ଗଣମାଧ୍ୟମ ଜରିଆରେ ଜଣାଉଛି।

**-ବିନାୟକ ପ୍ରସାଦ ଦାସ, ବରିଷ୍ଠ ସାମାଜିକକର୍ମୀ**



“ରାସ୍ତା ଅନ୍ଧାର ହୋଇଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତା’ଛଡ଼ା ରାସ୍ତାକୁ ପୋଲ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ରାତି ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ।

**-ସ୍ଥାନୀୟ ବାସିନ୍ଦା, ଜିତେନ୍ଦ୍ର ଦୋରା**

**ଥାନାରୁ ଫେରାର ଅଭିଯୁକ୍ତ ଘରୁ ଗିରଫ**

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ) : ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରୁ ଶୌଚ କରିବା ବାହାନାରେ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ପୋଲିସ ତାଙ୍କ ଘରୁ ମଙ୍ଗଳବାର ସକାଳୁ ଗିରଫ କରିଛି। ସେ ହେଲେ ଲିଲାଇ ସ୍ୱାଇଁ। ଲିଲାଇ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିବା ସହ ତାଙ୍କ ବାଇକ୍‌କୁ ପୋଡ଼ି ଦେଇଥିବା ଅଭିଯୋଗରେ ଗିରଫ ହୋଇଥିଲେ।

# ବାଂଲା ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବି

ରାଜନଗର, ୧୦।୯ (ଭାସ୍କର ରାଉତରାୟ)


ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ପ୍ରଶାସନିକ ଅଧିକାରୀ ଲୋକମାନେ ଅଭିଯୋଗ ଶୁଣୁଛନ୍ତି।

ରାଜନଗର ବ୍ଲକରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ମିଳିତ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ୨୨୦ଟି ଅଭିଯୋଗ ମଧ୍ୟରୁ ୩୦ଟି ସାମୂହିକ, ୧୮୦ଟି ବ୍ୟକ୍ତିଗତ ଥିଲା। ଏଥିରେ ଯୁବ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଦାସ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଛନ୍ତି। ଏଥିରେ ୭୦ ଦଶକ ପରଠାରୁ ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦ ସହ ବଙ୍ଗୋପସାଗର ଦେଇ ତଟବର୍ତ୍ତୀ ସରକାରୀ ଜାଗାରେ ଶହ ଶହ ସଂଖ୍ୟକ ବାଂଲା ଅନୁପ୍ରବେଶକାରୀ ଅଞ୍ଚଳକୁ ନିଜ କବ୍‌ଜାକୁ ନେଇଛନ୍ତି। ସ୍ଥାନୀୟ କୁଜି ନେତାଙ୍କ ସହଯୋଗରେ ଅତି ଚତୁରତାର ସହ ଅନୁପ୍ରବେଶକାରୀ ଭାରତୀୟ ନାଗରିକ ହେବା ସହ ଭାରତ ନାଗରିକତ୍ୱର ବଳିଷ୍ଠ ପ୍ରମାଣ ହାତେଇ ସାରିଛନ୍ତି। ସେମାନଙ୍କ ଉପଦ୍ରବ ଦିନକୁଦିନ ସ୍ଥାନୀୟ ଓଡ଼ିଆମାନଙ୍କୁ ସଂତ୍ରସ୍ତ ଅବସ୍ଥାରେ ରହିବାକୁ ପଡୁଛି। ଏହି ଅନୁପ୍ରବେଶକାରୀମାନେ ଅତୀତରେ ନକଲି ରେଡ଼ିଓ ଷ୍ଟେଶନ, ପ୍ରାଚୀନ ମୂର୍ତ୍ତି ଚୋରାଚାଲାଣ, ନକଲି ମୂର୍ତ୍ତି ବିକ୍ରୟ, ନକଲି ଟଙ୍କା ଭଳି ଅସାମାଜିକ କାର୍ଯ୍ୟରେ ସମ୍ପୃକ୍ତି ସହ ଭିତରକନିକା ଜାତୀୟ ଉଦ୍ୟାନର ବିରଳ ଜୀବଜନ୍ତୁ ଶିକାର ସହ ଚୋରାଚାଲାଣ କରୁଛନ୍ତି। ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଇ ଆମ ଅଞ୍ଚଳରୁ ବିତାଡ଼ିତ କରାଯାଉ ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଓସ୍ତିଆ ବନ୍ଧପାଟଣା ସେତୁ ୮ ବର୍ଷ ତଳୁ ଶେଷ ହୋଇଥିଲେ ମଧ୍ୟ ଆଜିଯାଏ ଆପ୍ରୋଚ ରୋଡ କାମ ସରିନି। ଅଧାପନ୍ତରିଆ ଆପ୍ରୋଚ ରୋଡ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ବନ୍ୟାଞ୍ଚଳରେ ଏହି ଉଚ୍ଚ ସେତୁର ଆପ୍ରୋଚ ରୋଡ ଅଧା ଖସି ପଡ଼ିଥିବାରୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଭୟ ରହୁଛି। ବାରମ୍ବାର ଅଭିଯୋଗ ପରେ ବି ବିଭାଗୀୟ ଅଧିକାରୀ ଶୁଣୁ ନ ଥିବା ନେଇ ପୂର୍ବତନ

**ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୨୨୦ ଅଭିଯୋଗ**

ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀଙ୍କ ସମେତ ଶତାଧିକ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ଉପେନ୍ଦ୍ର ନାଥ ସ୍ୱାଇଁ ଖୋଳା-ଡାଙ୍ଗମାଳ ଜଙ୍ଗଲ ପାଖ ରାସ୍ତାରେ ବାଲିଯୋର ସ୍ଲୁଇସ ଓ ଚିନ୍ତାମଣି ଯୋର ସ୍ଲୁଇସ କାମ ଅଧାପନ୍ତରିଆ ଯୋଗୁ ଚାଷୀ କ୍ଷେତକୁ ଠିକ୍ ସମୟରେ ପାଣି ଯାଇପାରୁନାହିଁ। ଫଳରେ ଚାଷୀ ହଇରାଣ ହେଉଥିବା ଅଭିଯୋଗ କରିଥିଲେ। ଭିତରଗଡ ପଞ୍ଚାୟତର ହାଣ୍ଡିଆଗଡ଼ ଗାଁକୁ ଆଜିଯାଏଁ ବିଦ୍ୟୁତ୍ ଯାଇ ନ ଥିବାବେଳେ ବଢ଼ିଣାକୋଲ୍ଲା ଗାଁରେ ଲୋ ଭୋଲଟେଜ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଥିଲେ। ସେହିପରି ବାଲିସାହିପାଟଣା ପଞ୍ଚାୟତ ମଧୁପୁର ରାଜସ୍ୱ ଗ୍ରାମରେ ଥିବା ବିଦ୍ୟାଳୟଟି ବଳଭଦ୍ରପ୍ରସାଦ ବିଦ୍ୟାଳୟ ନାଁରେ ନାମିତ ଅଛି। ତେଣୁ ନାମ ପରିବର୍ତ୍ତନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ରାଜନଗର ବ୍ଲକ ଅଞ୍ଚଳରେ ଗୋଶାଳା ନ ଥିବାରୁ ଷଣ୍ଢ ଚାଷଜମି ନଷ୍ଟ କରୁଛନ୍ତି। ତେଣୁ ଗୋଶାଳା ନିର୍ମାଣ ପାଇଁ ଶାରଦା ପ୍ରସନ୍ନ ମିଶ୍ର, ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି କରିଥିଲେ। ସନ୍ଥପଡ଼ା ଗାଁର ଅଧିବାସୀ ପହଛି ତାଙ୍କର ରିଟେଲର ବାନାମ୍ବର ରାଉତଙ୍କ ମୃତ୍ୟୁ ପରେ ସେମାନେ ରାଶନ ସାମଗ୍ରୀ ପାଇବାରେ ହଇରାଣ ହେବାକୁ ପଡୁଛି। ୪ କିମି ଦୂର ଫିରିକିଦାଣ୍ଡିର ରିଟେଲରଙ୍କଠାରୁ ସାମଗ୍ରୀ ନେବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ତେଣୁ ସନ୍ଥପଡ଼ା ଗାଁର ମା' ସିଦ୍ଧେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରିଟେଲର ଭାବେ ନିଯୁକ୍ତି ଦେବାକୁ ଶଶିକଳା ମହାନ୍ତି, ରଶ୍ମିତା ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ। ଶିବିରରେ ଅଧିକାଂଶ ଅଭିଯୋଗ ରାଶନ କାର୍ଡ, ଆଧାରକାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଆସିଥିଲା। ଶିବିରରେ ଆଡିସନାଲ ଏସ୍‌ପି ଦେବାଶିଷ ଧଳ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନିତା ପଟ୍ଟନାୟକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ପ୍ରମୁଖ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ଶିବିରରେ ଜଣେ ଦିବ୍ୟାଙ୍ଗ ଶିଶୁଙ୍କୁ ଟ୍ରାଇ ସାଇକେଲ ଜିଲାପାଳ ପ୍ରଦାନ କରିଥିଲେ।

# ୩ୟ ଦିନରେ ୭ ହଜାର କୁକୁଡ଼ା ମରାଗଲା

ଡେରାବିଶ, ୧୦।୯ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶରେ ବାର୍ଡ ଫ୍ଲୁ ଆତଙ୍କ**

■ ରଘୁଦେଇପୁର ପଞ୍ଚାୟତରେ କୁକୁଡ଼ା ମଡ଼କ, ଆଶଙ୍କାରେ ଅଞ୍ଚଳବାସୀ



କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ସପ୍ତାହକରୁ ଊର୍ଦ୍ଧ୍ୱ ସମୟ ଧରି ନରସିଂହପୁର, ଏଣ୍ଡର, ବାଲିଆ ଓ ଗୋଲରାହାଟରେ ଶତାଧିକ ସଂଖ୍ୟାରେ କୁକୁଡ଼ା ମଡ଼କକୁ ନେଇ ସାଧାରଣରେ ଆତଙ୍କ ଦେଖାଦେଇଛି। ତେବେ କେନ୍ଦ୍ରାପଡ଼ା ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ମୃତ କୁକୁଡ଼ାଙ୍କ ସଂଗୃହୀତ ରକ୍ତ ନମୁନା ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା। ଶନିବାର ସନ୍ଧ୍ୟାରେ ଆସିଥିବା ରିପୋର୍ଟରେ ଏଣ୍ଡର ଓ ବାଲିଆ ପଞ୍ଚାୟତରେ ଥିବା କୁକୁଡ଼ା ଫାର୍ମରୁ ସଂଗୃହୀତ ରକ୍ତ ନମୁନାରେ ବାର୍ଡ ଫ୍ଲୁ ପଜିଟିଭ ଆସିଥିଲା। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଡକାଯାଇ ବାର୍ଡ ଫ୍ଲୁ ସଂକ୍ରମିତ ଉଭୟ ପଞ୍ଚାୟତରେ ରବିବାରଠାରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତେବେ ମଙ୍ଗଳବାର ଏଣ୍ଡର, ବାଲିଆ ଓ ଗୋଲରାହାଟ ପଞ୍ଚାୟତର ୭ଟି ଫାର୍ମରୁ ମୋଟ ୭ହଜାର ୮ଶହ ୪୧ଟି କୁକୁଡ଼ାଙ୍କୁ ମାରି ମାଟି ତଳେ ପୋତା ଯାଇଥିବା ନେଇ ବିଭାଗୀୟ ସୂଚନାରୁ ଜଣାଯାଇଛି। ଏହି କୁକୁଡ଼ା ମରା ଅଭିଯାନରେ ବ୍ଲକ ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ କୁମାର ସେଠିଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ କର୍ମଚାରୀମାନେ ସାମିଲ ହୋଇଥିଲେ। ଏଥିସହ ମୟୂରଭଞ୍ଜ ଓ ବାଲେଶ୍ୱରରୁ ଆସିଥିବା ୧୨ଟିମ ସହ ଜିଲାର ୨ଟି ଟିମ କୁକୁଡ଼ା ମରା ଅଭିଯାନରେ ସାମିଲ ହୋଇଥିବା ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାପାତ୍ର କହିଛନ୍ତି। ଅପରପକ୍ଷରେ ବ୍ଲକ ଅଧୀନସ୍ଥ ରଘୁଦେଇପୁର ପଞ୍ଚାୟତ ନୋଳସାହି ଗ୍ରାମରେ ଥିବା ଏକ ଫାର୍ମରେ କ୍ରମାଗତ ଭାବେ କୁକୁଡ଼ା ମଡ଼କ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସମ୍ପୃକ୍ତ ପଞ୍ଚାୟତରେ ବାର୍ଡ ଫ୍ଲୁ ଆଶଙ୍କା ନେଇ ସାଧାରଣରେ ଆତଙ୍କ ଦେଖାଦେଇଛି। ତେବେ ଏ ବିଷୟରେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ୩ ଦିନ ଦିନ ହେବ ବାର୍ଡ ଫ୍ଲୁ ବ୍ୟାପିଥିବା ୩ଟି ପଞ୍ଚାୟତରେ କୁକୁଡ଼ା ମରା ଅଭିଯାନ କାର୍ଯ୍ୟକ୍ରମରେ ବ୍ୟସ୍ତତା ହେତୁ ସମ୍ପୃକ୍ତ ରଘୁଦେଇପୁର ପଞ୍ଚାୟତକୁ ଯାଇ ଫାର୍ମ ନିରୀକ୍ଷଣ କରିବା ସମ୍ଭବ ପର ହୋଇପରିନାହିଁ। ତେବେ ବୁଧବାର ସମ୍ପୃକ୍ତ ଫାର୍ମକୁ ମୃତ କୁକୁଡ଼ା ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ଡା. ସେଠୀ ପ୍ରକାଶ କରିଛନ୍ତି।

# ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ

ରାଜକନିକା, ୧୦।୯ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

**ବରୁଣା ପାକ୍ସରେ ଅସ୍ଥିରତା**

ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ (ପାକ୍ସ)ରେ ଦୀର୍ଘଦିନ ଧରି ଲାଗି ରହିଥିବା ଅସ୍ଥିରତା କାରଣରୁ ଚାଷୀ ସମିତିରୁ ସାର ଓ ଋଣ ପାଇ ପାରୁନାହାନ୍ତି। ଏହି ଅସ୍ଥିରତା ପାଇଁ ଅନ୍ୟ ଏକ ସମିତିର ଜଣେ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ବରୁଣା ପାକ୍ସର ଅସ୍ଥିରତା ସୃଷ୍ଟି କରୁଥିବାରୁ ମଙ୍ଗଳବାର କନିକା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏ ନେଇ ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ କରିଛନ୍ତି। ସମ୍ମିଳନୀରେ କୈଳାସ ବେହୁରା, ନଳିନୀକାନ୍ତ ପୃଷ୍ଟି, ଉମ୍ବରୁଧର ଦାସ, ମନୋରଞ୍ଜନ ଦାସ, ମନୋରଞ୍ଜନ ବିହାରୀ, ଅଞ୍ଜନା ସାହୁ ପ୍ରମୁଖ କହିଥିଲେ, ଓଳାଭର, ବଳରାମପୁର, ପାରିନୂଆପଡ଼ା ଓ ବରୁଣାକୁ ନେଇ ବରୁଣା ପାକ୍ସ ଗଠିତ। ହେଲେ ପେଗରପଡ଼ାର ଜଣେ ବ୍ୟକ୍ତି ବରୁଣା ପାକ୍ସରେ କୌଣସି ସମ୍ପର୍କ ନ ଥାଇ ନିଜର ରାଜନୈତିକ ପତିଆରା ଜାହିର କରିବା ଉଦ୍ଦେଶ୍ୟ ରଖି ଋଣ ଖିଲାପକାରୀଙ୍କୁ ଚାଷୀଙ୍କ ଢାଲ କରି ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି କରିଚାଲିଛନ୍ତି। ଯାହାଦ୍ୱାରା ଏବେକା ଚାଷ ସମୟରେ ଯୋଗ୍ୟ ଚାଷୀମାନେ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି। ବରୁଣା ପାକ୍ସରେ ଅନିୟମିତତାକୁ ନେଇ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି। ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର ସହ ସମବାୟ ବ୍ୟାଙ୍କ ସମ୍ମୁଖରେ ଅନଶନ କରି ରାଜନୈତିକ ଫାଇଦା ନେବାକୁ ପେଗରପଡ଼ାର ଜଣେ ବ୍ୟକ୍ତି ଚେଷ୍ଟା କରୁଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଜାଇ ଅଞ୍ଚଳରେ ଶାନ୍ତି ପରିବେଶ ବଜାୟ ରଖିବା ସହ ପେଗରପଡ଼ା ସମିତି ସଭ୍ୟଙ୍କ ପଦବୀ ରଦ୍ଦ କରିବାକୁ ଜିଲାପାଳଙ୍କୁ ଦାବି କରିବା ସହ ଆମରଣ ଅନଶନକୁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି।


ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

# ଶିକ୍ଷାଦାନ, ପ୍ରମାଣପତ୍ର ତ୍ରୁଟିକୁ ନେଇ ଛାତ୍ର ଉତ୍ତେଜନା


ଧାରଣାରେ ବସିଥିବା ସ୍ନାତକୋତ୍ତର ଛାତ୍ରୀଛାତ୍ର।


ଭାଙ୍ଗି ଦିଆଯାଇଥିବା ଚେୟାର।

କେନ୍ଦ୍ରାପଡ଼ା, ୧୦।୯ (ଜଗନ୍ନାଥ ଧଳ)

**କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**

■ **ଅଧ୍ୟକ୍ଷଙ୍କ ଚାମ୍ବରରେ ପଶି ଭଙ୍ଗାରୁଜା**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଛି। ପ୍ରମାଣପତ୍ରରେ ତ୍ରୁଟି ସହ ଶିକ୍ଷାଦାନରେ ଅବହେଳା ହୋଇଥିବା ଦର୍ଶାଇ ସକାଳ ୯ରୁ ଆନ୍ଦୋଳନକୁ ଛାତ୍ରୀଛାତ୍ରମାନେ ଓହ୍ଲାଇଛନ୍ତି। ଅଧ୍ୟକ୍ଷଙ୍କ ଚାମ୍ବରରେ ପଶି ବିଭିନ୍ନ ତ୍ରୁଟି ମହାବିଦ୍ୟାଳୟରେ କାହିଁକି ହେଉଛି ପ୍ରଶ୍ନ କରିଛନ୍ତି। ଏଥିସହ ତାଙ୍କ ଚାମ୍ବରରେ ଚେୟାର ଓ ଅନ୍ୟ ସାମଗ୍ରୀକୁ ଭଙ୍ଗାରୁଜା କରି ଫିଙ୍ଗି ଦେଇଛନ୍ତି। କଲେଜ ପରିସରର ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ ଏ ନେଇ ସମାଧାନ ପାଇଁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି। ତେବେ ଭାରପ୍ରାପ୍ତ ଅଧ୍ୟକ୍ଷ ଅଭିଜିତ ବୋଷ ତ୍ରୁଟି ସଂଶୋଧନ କରାଯିବ ବୋଲି ପ୍ରତିଶ୍ରୁତି ପରେ ବିକ୍ଷୋଭ ସ୍ଥଗିତ ରହିଛି।

ଏ ସମ୍ପର୍କରେ ଛାତ୍ରୀ ସୀମାରାଣୀ ନାୟକ, ପ୍ରଜ୍ଞାପରମିତା ବଳ, ଛାତ୍ର ପ୍ରଶାନ୍ତ କୁମାର ଦାସ, ସୌଭାଗ୍ୟ ଦାସ ପ୍ରମୁଖ କହିଛନ୍ତି, ଗତ ୨୦୧୭ ମସିହାରୁ ପଲିଟିକାଲ ସାଇନ୍ସ ଓ ୨୦୨୨ ମସିହାରେ ୧୪ଟି ବିଭାଗର ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିଛି। ଏହା ସେଲ୍‌ଫ ଫାଇନାନ୍ସିଂ ହୋଇଥିବାରୁ ଶିକ୍ଷାର୍ଥୀଙ୍କ ପିଛା ପ୍ରାୟ ୫୦ ହଜାର ଟଙ୍କା ନିଆଯାଇଛି। ଏହାସତ୍ତ୍ୱେ ଶିକ୍ଷା ଭିତ୍ତିଭୂମି ସଜଡ଼ା ଯାଇନାହିଁ। ଶିକ୍ଷାଦାନରେ ଅବହେଳା ଓ ପରିଚାଳନାଗତ ତ୍ରୁଟିକୁ ନେଇ ବାରମ୍ବାର ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିଲାପାଳ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଛି। ୨୦୨୨ ମସିହାରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଏବେ ପାସ୍ ପ୍ରମାଣପତ୍ର ଦିଆଯାଇଛି। ଏହି ପ୍ରମାଣପତ୍ରରେ କେଉଁ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ତାହାର ଉଲ୍ଲେଖ କରାଯାଇନାହିଁ। ସେହିପରି ଶିକ୍ଷାର୍ଥୀଙ୍କ ନାମ ଓ ବିଜୟ ନାମ ମଧ୍ୟ ଭୁଲ୍ ଅଛି। ଏ ସମ୍ପର୍କରେ ଗତ ୩ ଦିନ ଧରି ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହେଉଥିଲେ ମଧ୍ୟ ପ୍ରମାଣପତ୍ରର ତ୍ରୁଟିକୁ ସୁଧାର କରାଯାଉନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷ ବୋଷଙ୍କୁ ପଚାରିବାରେ ପ୍ରମାଣପତ୍ରରେ ତ୍ରୁଟି ଅଛି। ଏହାକୁ ଆସନ୍ତା ବୁଧବାର ସୁଧାର କରାଯାଇ ଶିକ୍ଷାର୍ଥୀଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।

# ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ୍ ପାଇଁ ମାରପିଟ

ପଟ୍ଟାମୁଣ୍ଡାଇ, ୧୦।୯ (କଳ୍ପତରୁ ନାୟକ)

ଆଧାରରେ ମୋବାଇଲ୍ ଲିଙ୍କ୍ ହୋଇ ନ ଥିଲେ ମଧ୍ୟ ଅନ୍‌ଲାଇନ ସୁଭଦ୍ରା ଯୋଜନା ପଞ୍ଜୀକରଣ କରିହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ମହିଳାପୁରୁଷମାନେ ମଙ୍ଗଳବାର ପୂର୍ବାହ୍ନରେ ଆଧାର ସଂଶୋଧନ କେନ୍ଦ୍ରରେ ଭିଡ଼ ଜମାଇ ମାରପିଟ ହେଇଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୃଙ୍ଖଳିତ ଭାବରେ ଆଧାର ସଂଯୋଗ ପାଇଁ ଧାଡ଼ିରେ ଛିଡ଼ା କରିବା ପରେ ଆଧାର ସଂଯୋଗ ଚାଲିଥିଲା।

ସୁଭଦ୍ରା ଯୋଜନାରେ ଇ- କେୱାଇସି ପାଇଁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପୁରୁଣା ପୌର ପରିଷଦ ଗୃହରେ ଆଧାର ସଂଶୋଧନ କାର୍ଯ୍ୟାଳୟ ଚାଲୁ ରହିଛି। ସକାଳୁ ଲମ୍ବା ଲାଇନ ଲଗାଇ ମହିଳାମାନେ ଆଧାର କାର୍ଡ ସହ ମୋବାଇଲ ନମ୍ବର ସଂଯୋଗୀକରଣ ପାଇଁ ଛିଡ଼ା ହୋଇଥିଲେ। ଏହି ସମୟରେ ଜଣେ ମହିଳା ଉତ୍ତ୍ୟକ୍ତ ହୋଇ ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ। ପରେ ସେଠାରେ ଉପସ୍ଥିତ ୨ରୁ୪ ଜଣ ମହିଳା ଉକ୍ତ ଯୁବକଙ୍କୁ ନିଘୁମ ଛେଚି ଥିଲେ। ପରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ପୋଲିସ ସଦଳବଳ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିବା ସହ ଯୁବକ ଜଣଙ୍କୁ ଥାନାକୁ ନେଲା ପରେ ଅବସ୍ଥାରେ ସୁଧାର ଆସିଥିଲା।


ଅଧାର କେନ୍ଦ୍ର ଉତ୍ତେଜନା ପରେ ପୋଲିସ ପହଞ୍ଚି ଧାଡ଼ି କରୁଛି।

# ମୋ ଉପକାରୀ ବଗିଚାରେ ଚଞ୍ଚକତା

ନାଉଗାଁ, ୧୦।୯ (ସୁଧା ବେହୁରା)

**ଏକାଧିକ ବ୍ୟକ୍ତିଙ୍କ ଜାଗା ଦେଖାଇ କରିନେଲେ ବିଲ୍**

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ମୋ ଉପକାରୀ ବଗିଚା ଯୋଜନାରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକମାନେ ଜୈବିକ ଖତ ବ୍ୟବହାର କରି ପୁଷ୍ଟିକର ପରିବା ଉତ୍ପାଦନ କରିପାରିବେ। ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାରକ୍ଷମ କରିପାରିବେ। କିନ୍ତୁ ନାଉଗାଁ ବ୍ଲକରେ ଏହି ଯୋଜନାରେ ଜଣେ ବ୍ୟକ୍ତିଙ୍କ ଜାଗାରେ ମୋ ଉପକାରୀ ବଗିଚା କରାଯାଇ ଅନେକ ଲୋକଙ୍କୁ ବିଲ୍ ପ୍ରଦାନ କରାଯାଇଥିବା ଚର୍ଚ୍ଚା ହେଉଛି। ଏଠାରେ ସରକାରୀ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଇଥିବା ବେଳେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କିପରି ଜାଣିପାରୁନାହାନ୍ତି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ କୋରୁଆ ଓ ଅଲଣା ପଞ୍ଚାୟତକୁ ଛାଡି ଦେଲେ ଅନ୍ୟ ପଞ୍ଚାୟତରେ ମୋ ଉପକାରୀ ବଗିଚା ପ୍ରକଳ୍ପ ମଞ୍ଜୁର କରାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ପୋର୍ଟାଲ ତଥ୍ୟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୬୪ଟି ମୋ ଉପକାରୀ ବଗିଚା ପାଇଁ ୩୬୮ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରୁ ୯ଟି ପଞ୍ଚାୟତରେ ୨୮ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ୧୪୩୬ଟି ଶ୍ରମଦିବସ ସୃଷ୍ଟି କରାଯାଇଛି। ଏହା ବାବଦକୁ ପ୍ରତି ଶ୍ରମ ଦିବସରେ ୨୫୪ ଟଙ୍କା ହିସାବରେ ୩,୬୪, ୭୪୪ ଟଙ୍କା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ବଛାଲୋ ପଞ୍ଚାୟତରେ ୨ଟି ପ୍ରକଳ୍ପ ପାଇଁ ୬୧ଟି ଶ୍ରମ ଦିବସ ସୃଷ୍ଟି କରାଯାଇ ୧୫ ହଜାର ୪୯୪ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବାଂଶ ପଞ୍ଚାୟତରେ ୯ଟି ପ୍ରକଳ୍ପ ପାଇଁ ୨୨୯ ଶ୍ରମ ଦିବସରେ ୫୮ ହଜାର ୧୬୬ ଟଙ୍କା, ଡାବର ପଞ୍ଚାୟତରେ ୩ ପ୍ରକଳ୍ପ ପାଇଁ ୧୧୭ ଶ୍ରମ ଦିବସରେ ୨୯ ହଜାର ୭୧୮ ଟଙ୍କା, ଡେରିକି ପଞ୍ଚାୟତରେ ୩ ପ୍ରକଳ୍ପ ପାଇଁ ୩୦୪ ଶ୍ରମ ଦିବସ ବାବଦରେ ୭୭ ହଜାର ୨୧୬ ଟଙ୍କା, ଗଜରାଜପୁରରେ ୧ ପ୍ରକଳ୍ପ ପାଇଁ ୧୩୮ ଶ୍ରମ ଦିବସ ବାବଦକୁ ୩୫ ହଜାର ୫୨ ଟଙ୍କା, ଗଳଧାରୀ ୧ ପ୍ରକଳ୍ପ ପାଇଁ ୨୪ ଶ୍ରମ ଦିବସ ବାବଦକୁ ୬ ହଜାର ୯୬ ଟଙ୍କା, ନାଉଗାଁରେ ୨ ପ୍ରକଳ୍ପ ନିମନ୍ତେ ୨୫୮ ଶ୍ରମ ବାବଦରେ ୬୫ ହଜାର ୫୩୨ ଟଙ୍କା, ଓଷକଣାରେ ୫ ପ୍ରକଳ୍ପ ପାଇଁ ୫୩ ଶ୍ରମ ଦିବସ ବାବଦରେ ୧୩ ହଜାର ୪୬୨ ଟଙ୍କା ଏବଂ ତିରୁଣା ପଞ୍ଚାୟତରେ ୨ପ୍ରକଳ୍ପ ପାଇଁ ୨୫୨ଟି ଶ୍ରମ ଦିବସରେ ୬୪ ହଜାର ୮ଟଙ୍କା ପ୍ରଦାନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ଉପସ୍ଥାନ ଦର୍ଶାଇବା ପାଇଁ ଏନ୍‌ଏମ୍‌ଏମ୍‌ଏସ୍ ଆପକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ବ୍ୟକ୍ତିଗତ ମୋ ଉପକାରୀ ବଗିଚା ପ୍ରକଳ୍ପରେ ଉକ୍ତ ଆପ୍‌କୁ ବାଧ୍ୟତାମୂଳକ କରାଯାଇ ନାହିଁ। ତେବେ ପ୍ରତ୍ୟେକ ଦିନ ଉକ୍ତ ପ୍ରକଳ୍ପରେ ଶ୍ରମିକମାନଙ୍କ ଉପସ୍ଥାନରେ ଜିପିଏସ୍ ଫଟୋ ଉତ୍ତୋଳନ କରିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ଗୋଷ୍ଠୀଭିତ୍ତିକ ମୋ ବଗିଚା ପାଇଁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ବାଧ୍ୟତାମୂଳକ କରାଯାଇଛି। ମାତ୍ର ଏହି ବ୍ଲକରେ କିଛି ପ୍ରକଳ୍ପକୁ ଛାଡି ଦେଲେ ଅବଶିଷ୍ଟ ପ୍ରକଳ୍ପ ଗୋଷ୍ଠୀଭିତ୍ତିକ ଥିଲେ ମଧ୍ୟ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ବ୍ୟବହାର କରାଯାଉନାହିଁ। ଗୋଟିଏ ଜାଗାରେ ଏକାଧିକ ବ୍ୟକ୍ତିଗତ ପ୍ରକଳ୍ପ କରାଯାଇଥିବା ଦର୍ଶାଇ ବିଲ୍ ପ୍ରଦାନ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ସାମାଜିକ କର୍ମୀ ସୁବାସ ସ୍ୱାଇଁ, ପ୍ରଶାନ୍ତ ମିଶ୍ର ପ୍ରମୁଖ ଦାବି କରିଛନ୍ତି। ଏ ବିଷୟରେ ଜିଲା ଏମ୍‌ଜିଏନ୍‌ଆରଇଜିଏସ୍‌ର ସଂଯୋଜିକା ମଧୁସ୍ମିତା ବିଶ୍ୱାଳଙ୍କୁ ପଚାରିବାରେ ନିର୍ଦ୍ଦିଷ୍ଟ ଭାବେ କେଉଁ ହିତାଧିକାରୀଙ୍କର ଏପରି ବିଲ୍ କରାଯାଇଛି ଲିଖିତ ଭାବେ ଜଣାଇଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ନ୍ୟାୟ ପାଇଁ ଆମରଣ ଅନଶନରେ ବସିଲେ ଚାଷୀ

ରାଜକନିକା, ୧୦।୯ (ସଞ୍ଜୟ କୁମାର ଦାଶ)



ଅନଶନରତ ବ୍ୟକ୍ତିଙ୍କ ସହ ପ୍ରଶାସନିକ ଅଧିକାରୀ ବୁଝାଶୁଝା କରୁଛନ୍ତି।

ରାଜକନିକା ବ୍ଲକ ବରୁଣା କୃଷି ସମବାୟ ସମିତି ଲିଃ(ପାକ୍ସ)ରେ ଚାଷୀଙ୍କ ଋଣ ଓ ଛାଡ଼ ଟଙ୍କାକୁ ଚାଷୀଙ୍କ ଅଜାଣତରେ ଆକାଉଣ୍ଟରୁ ଉଠିଯିବା ନେଇ ସମବାୟ ସମିତିର ସମ୍ପାଦକଙ୍କ ନାମରେ ରାଜକନିକା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କିମ୍ବା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରତିବାଦରେ ମଙ୍ଗଳବାର ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲିକଙ୍କ ନେତୃତ୍ୱରେ ଚାଷୀ ଗୁରୁପ୍ରସାଦ ନାୟକ, ସୁଶାନ୍ତ ସାହୁ, ଅଶୋକ କୁମାର ରଣା, ଜଗନ୍ନାଥ ସାମଲ, ବିକାଶ ପଣ୍ଡା, ଉଦେକର ସାମଲ, ବିନିଲତା ମଲିକ, ରଶ୍ମିତା ମଲିକ, ନନ୍ଦିନୀ ମଲିକ, ସୁଜାତା ମଲିକ, ଝରଣା ମଲିକ, ଜୟନ୍ତୀ ମଲିକ, ଚାରୁ ମଲିକ, ଶୁଭକାନ୍ତ ନାୟକ ପ୍ରମୁଖ ଚାଷୀ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ବରୁଣା ପାକ୍ସର ସମ୍ପାଦକ ଓ ବଦଳି ହୋଇଥିବା ବ୍ୟାଙ୍କ ମ୍ୟାନେଜର ମିଳିମିଶି ଅର୍ଥ ହେରଫେର ଭଳି ଦୁର୍ନୀତି କରିଛନ୍ତି।

ଏ ନେଇ ଅଗଷ୍ଟ ୩ରେ ପାତୁଲି ଗାଁର ଚାଷୀ ଧରଣୀଧର ନାୟକଙ୍କ ନାମରେ ୧ ଲକ୍ଷ ୫୯ ହଜାର ଟଙ୍କା କୃଷି ଋଣ ମଞ୍ଜୁର ହୋଇଥିଲା। ହେଲେ ତାଙ୍କ ଅଜାଣତରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ରାଜକନିକା ଶାଖାରେ ଥିବା ଆକାଉଣ୍ଟରୁ ୧ ଲକ୍ଷ ୫୮ ହଜାର ଟଙ୍କା ଉଠିଯାଇଥିବା ନେଇ ପାକ୍ସର ସମ୍ପାଦକ ଅସିତ କୁମାର ବେହୁରା ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ରାଜକନିକା ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ନାଁରେ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ପରେ ୧୨ ଜଣ ଚାଷୀ ସମାନ ଅଭିଯୋଗ ଆଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ବହୁ ଚାପ ପରେ ନଂ. ୩୪୨/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ହୋଇ ବସିଛି। ଏଥି ମଧ୍ୟରେ ଅଭିଯୋଗକୁ ମାସେ ୭ ଦିନ ହୋଇଥିବା ବେଳେ କାହିଁକି ସମ୍ପୃକ୍ତ ସମ୍ପାଦକଙ୍କୁ ଥାନାକୁ ଡକାଯାଉନି କି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ? ଯଦି ଦୁର୍ନୀତି ହୋଇନି ମ୍ୟାନେଜରଙ୍କୁ କାହିଁକି ଯାଜପୁର ବଦଳି କରାଗଲା ବୋଲି ଆନ୍ଦୋଳନକାରୀ ପ୍ରଶ୍ନ ପଚାରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ବରୁଣା ସମବାୟ ସମିତିରୁ ଚାଷୀ ନ୍ୟାୟ ପାଇନାହାନ୍ତି, ସେତେଦିନ ଯାଏ ଆମରଣ ଅନଶନ ଜାରି ରହିବ ବୋଲି ଆନ୍ଦୋଳନରତ ଚାଷୀ କହିଛନ୍ତି। ଏହି ଅନଶନକୁ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ନୈତିକ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି, ଦୋଷୀଙ୍କୁ ଦଣ୍ଡ ମିଳିଲେ ଚାଷୀ ନ୍ୟାୟ ପାଇବେ।

**ବରୁଣା ପାକ୍ସରେ ଚାଷୀଙ୍କ ଅଜାଣତରେ ଟଙ୍କା ହେରଫେର ଘଟଣା**

■ **ଅନଶନକୁ ସମର୍ଥନ ଜଣାଇଲେ ଜିଲା ଭାଜପା ଉପସଭାପତି**

ଏ ସମ୍ପର୍କରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ନୂଆ ରାଜକନିକା ଶାଖା ପରିଚାଳକ ନିରୋଦ କୁମାର ନାୟକଙ୍କୁ ପଚାରିବାରେ ଅନଶନ ସମ୍ପର୍କରେ ଜାଣିନି। ମାସେ ପୂର୍ବେ ହୋଇଥିବା ଦୁର୍ନୀତିରେ ଚାଷୀଙ୍କ ନ୍ୟାୟ ପାଇଁ ହୋଇଥିବା ଜାଣିଲି। ହେଲେ କୌଣସି କାଗଜପତ୍ର ମିଳିନାହିଁ। କାର୍ଯ୍ୟାଳୟରେ କୌଣସି ବାଧା ସୃଷ୍ଟି କରିନାହାନ୍ତି ବୋଲି କହିଛନ୍ତି। ସମିତି ସଭ୍ୟ ମଲିକ କହିଛନ୍ତି, ୧୦ରେ ଆମରଣ ଅନଶନରେ ବସିବୁ ବୋଲି ଆମେ ଗତ ୨ତାରିଖରେ ଜିଲାପାଳ, ଉପନିବନ୍ଧକ ସମବାୟ ସମିତି ସମୂହ, କେନ୍ଦ୍ରାପଡ଼ାଙ୍କ ସମେତ ସ୍ଥାନୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରିଥୁ। ଆମରଣ ଅନଶନ ସ୍ଥଳରେ ସନ୍ଧ୍ୟାରେ କନିକା ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ପୃଥ୍ୱୀରାଜ ପରିଡ଼ା, ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ ଓ ମାର୍ଶାଘାଇ କଟକ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଅନଶନରୁ ହଟିବାକୁ ବୁଝାସୁଝା କରିଥିଲେ ହେଁ ଏହା ସଫଳ ହୋଇ ନାହିଁ।

## ବସ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଗଣିଆନାଳ ଛକ ନିକଟରେ ମଙ୍ଗଳବାର ବସ (ନଂ. ଓଆର ୧୮ଏ ୨୩୫୮) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁକୁଡ଼ାଖଣ୍ଡି ବ୍ଲକ ନଳିହାଡ ଗ୍ରାମ ରଜକ ସାହିର ଚନ୍ଦନ ସେଠୀ। ଚନ୍ଦନ ରାସ୍ତାକଡରେ ବାଇକ ରଖି ଠିଆ ହୋଇଥିବା ବେଳେ ବସଟି ତାଙ୍କୁ ଧକ୍କା ଦେଇ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



## ସଂକ୍ଷେପରେ

### ଚାକିରି ପାଇଁ ହାଇଦ୍ରାବାଦ ଯାଇଥିବା ଯୁବକଙ୍କ ମୃତ୍ୟୁ

ଆସିକା,୧୦।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଅନ୍ତର୍ଗତ ସିଦ୍ଧନୟୀ ପଞ୍ଚାୟତ ବାଦଗଡ ଗ୍ରାମର ରବୀନ୍ଦ୍ର ସାହୁଙ୍କ ଏକମାତ୍ର ପୁଅ ଗୌରବ ନିଜ ପରିବାରର ଗୁଜରାଣ ମେଣ୍ଟାଇବା ଲାଗି ହାଇଦ୍ରାବାଦ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଗୌରବ ସେଠାରେ ଏକ କମ୍ପାନୀରେ ଗତ ୧୫ ଦିନ ହେଲା କାମ କରୁଥିବା ବେଳେ ଗତ ୮ ତାରିଖରେ ହଠାତ୍ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିବା ପରେ ଦିନ ମଜୁରିଆ ଭାବେ ପରିବାର ପୋଷଣ କରୁଥିବା ରବୀନ୍ଦ୍ର ଭାଙ୍ଗି ପଡ଼ିଛନ୍ତି। ଆସିକା ବିଧାୟକ ସରୋଜ ପାଢୀଙ୍କ ପାଖରେ ଏହି ଖବର ପହଞ୍ଚିବା ପରେ ସେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମୃତଦେହ ଆଣିବା ଲାଗି ଅନୁରୋଧ କରିଥିଲେ । ଜିଲା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମଙ୍ଗଳବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ ଅଭିଯୋଗ

ପୋଲସରା,୧୦।୯(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମଧୁପଲ୍ଲୀ ଗ୍ରାମପଞ୍ଚାୟତ ସମବାୟ ସମିତିର ସମ୍ପାଦକ ଚାଷୀମାନଙ୍କୁ ହଇରାଣ କରୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଚାଷୀମାନେ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତର ଚାଷୀ ଅଭିଯୋଗ କରିଛନ୍ତି ଯେ, ସମବାୟ ସମିତିର ସମ୍ପାଦକ ଧୋବା ଗୌଡ ଚାଷୀମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ସାର ନ ଦେବା, କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସାର ନ ପାଇ ସେମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏହି ଅଭିଯୋଗପତ୍ରର ନକଲ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲାପାଳଙ୍କୁ ପଠାଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ସମ୍ପାଦକ ଗୌଡଙ୍କୁ ପଚାରିବାରୁ ସେ କହିଲେ, ସେମିତି କିଛି ହୋଇନି। ମୁଁ କାହାକୁ ଦୁର୍ବ୍ୟବହାର କରିନି। ଚାଷୀମାନେ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

ରମ୍ଭା,୧୦।୯(ବନବାସୀ ସେଠୀ)

ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ଏବଂ ସାବୁଲିଆ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ-କଲ୍ୟାଣ ସମିତି ସହଯୋଗରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତିର ସହ ସଂଯୋଜକ ରବି ନାରାୟଣ ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ଅମୂଲ୍ୟ ସେନାପତି, ସମ୍ମାନିତ ଅତିଥି ଭାବେ ଶେଷଦେବ ବେହେରା, ବକ୍ତାଭାବେ ସମାଜିକ କର୍ମୀ ସତ୍ୟ ନାରାୟଣ ଆଚାରି ଯୋଗ ଦେଇଥିଲେ। ସେହିପରି ସାବୁଲିଆଠାରେ ଆୟୋଜିତ ଶିବିରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ସଂଯୋଜକ ନାରାୟଣ ବେହେରା ଓ ସମାଜିକ କର୍ମୀ ବିଜୟ ମିସ୍ତ୍ରୀ ଯୋଗ ଦେଇଥିଲେ। ଉମାକାନ୍ତ ସାହୁ, ଲିଙ୍ଗରାଜ ପାତ୍ର, ସୁଦର୍ଶନ ଜେନା ଶିବିର ପରିଚାଳନା କରିଥିଲେ।

### ୧୭୩ ଅଭିଯୋଗର ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

ପାରଳାଖେମୁଣ୍ଡି,୧୦।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ପାର୍ତ୍ତଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଉପସ୍ଥିତ ରହି ଆସିଥିବା ଅଭିଯୋଗଗୁଡ଼ିକ ଗ୍ରହଣ କରି ଶୁଣାଣି କରିଥିଲେ। ପାର୍ତ୍ତଡ଼ା ପଞ୍ଚାୟତ ସମେତ ଖରଡ଼ା, ରାଣୀପେଣ୍ଠ ଓ ସିଦ୍ଧାମାଡ଼ଙ୍ଗ ପଞ୍ଚାୟତରୁ ୧୭୩ଟି ଅଭିଯୋଗ ଆସିଥିଲା। ସେଥିରୁ ୧୦୩ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମଭିତ୍ତିକ ୬୮ଟି ଅଭିଯୋଗ ଥିଲା। ସବୁ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଛତ୍ରପୁର ହସ୍ପିଟାଲରେ ୩୩ ଡାକ୍ତର ପଦବୀ ଖାଲି

ଛତ୍ରପୁର,୧୦।୯(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରରେ ଥିବା ଉପଖଣ୍ଡ ହସ୍ପିଟାଲରେ ରୋଗୀସେବା କାମଚଳାରେ ଚାଲିଛି । ଏହି ହସ୍ପିଟାଲକୁ ରୁପାନ୍ତରିତ କରି ଭିତ୍ତିଭୂମି ସୁଦୃଢ କରାଯିବା ସହ ଆବଶ୍ୟକୀୟ ଉପକରଣ ରହିଛି । ହେଲେ ଏଠାରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ରୋଗୀ ସେବା ଠିକ୍ ଭାବେ ହୋଇପାରୁନି ।

ଛତ୍ରପୁର ଉପଖଣ୍ଡ ହସ୍ପିଟାଲକୁ ଛତ୍ରପୁର, ଗଞ୍ଜାମ ବ୍ଲକରୁ ବହୁ ରୋଗୀ ଆସୁଥିବା ବେଳେ ଆଉଟଡୋରରେ ମାତ୍ର ଜଣେ କି ଦୁଇ ଜଣ ଡାକ୍ତର ରହୁଛନ୍ତି। ତେଣୁ ବାହାରେ ରୋଗୀଙ୍କ ଲମ୍ବା ଲାଇନ୍ ରହୁଥିବା ଦେଖିବାକୁ ମିଳୁଛି । ସେହିପରି ନିକଟରେ ଜାତୀୟ ରାଜପଥ ଯାଇଥିବାରୁ ଦୁର୍ଘଟଣାରେ ଆହତ ଓ ଗୁରୁତରମାନେ ମଧ୍ୟ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ ମେଡିକାଲକୁ ରେଫର କରି ଦିଆଯାଉଛି। ଛତ୍ରପୁର ହସ୍ପିଟାଲରେ ୩୩ ଡାକ୍ତର ପଦବୀ ଖାଲି ପଡିଛି । ମେଡିସିନ୍ ଡାକ୍ତର ବ୍ରହ୍ମପୁରସ୍ଥିତ ସିଟି ହସ୍ପିଟାଲରୁ ଏଠାକୁ ଡେପୁଟେଶନରେ ଆସିଛନ୍ତି ।

## ରୋଗୀ ସେବା କାମଚଳା

ସେହିପରି ସପ୍ତାହରେ ୩ଦିନ ଅସ୍ଥିଶଲ୍ୟ ବିଶେଷଜ୍ଞ ମଧ ବ୍ରହ୍ମପୁର ସିଟି ହସ୍ପିଟାଲରୁ ଏଠାକୁ ଆସି ରୋଗୀ ସେବା କରୁଛନ୍ତି । ଜଣେ ସିନିୟର ମେଡିକାଲ ଅଫିସର, ୨୮ ଏଲଟିଆରଏମଓ ଡାକ୍ତର, ଜଣେ ପାଥୋଲୋଜି ଡାକ୍ତର, ଜଣେ ଦାନ୍ତ ଚିକିତ୍ସା ବିଶେଷଜ୍ଞ ପଦବୀ ଖାଲିରହିଛି । ସେହିପରି ୨ ଜଣ ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ୧୯ ନର୍ସ, ୬ ଲ୍ୟାବ ଟେକ୍ନିସିଆନ, ୩ ଆଟେଣ୍ଡାଣ୍ଟ, ୭ ସୁଇପର, ଜଣେ ଲେଖାଏଁ ପ୍ଲମ୍ବର ଓ ଇଲେକ୍ଟ୍ରିସିଆନ୍ ପଦବୀ ଖାଲି ପଡିଛି । ଏଠାରୁ ଜଣେ ଫାର୍ମାସିଷ୍ଟ ଡେପୁଟେଶନରେ ପୋଲିସ ହସ୍ପିଟାଲକୁ ଯାଇ କାର୍ଯ୍ୟ କରୁଛନ୍ତି । ଏଠାରେ ମାତ୍ର ୨ ଜଣ ଲ୍ୟାବ୍ ଟେକ୍ନିସିଆନ୍ ଥିବାରୁ ବିଭିନ୍ନ ପରୀକ୍ଷା କରିବା ପାଇଁ ଲମ୍ବା ଲାଇନ୍ ଲାଗୁଛି ଏବଂ ରିପୋର୍ଟ ପାଇବା ବେଳକୁ ଡାକ୍ତରଙ୍କ ଡିୟୁଟି ସରିଯାଉଥିବା ଦେଖିବାକୁ ମିଳୁଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଗତ କିଛିଦିନ ତଳେ ହସ୍ପିଟାଲକୁ ଯାଇ କର୍ତ୍ତୃପକ୍ଷଙ୍କ ଆଲୋଚନା କରିଛନ୍ତି ।



## ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ଗଞ୍ଜାମ,୧୦।୯(ବିଦ୍ୟାଧର ସାହୁ)

ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ୩ଜଣ ଗୁରୁତର ଆହତ ଉପଯୁକ୍ତ ଚିକିତ୍ସା ନ ପାଇ ଫେରିଯାଇଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି।

ରମ୍ଭା ନିକଟସ୍ଥ ଏକ ଢ଼ାବା ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧ, ଜଣେ ଯୁବକ ଓ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ରମ୍ଭା ଦମକଳ ବାହିନୀ କର୍ମଚାରୀ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସି ଉପାୟ ନ ପାଇ ପୁଣି ସେହି ଅଗ୍ନିଶମ ଗାଡିରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଅଗ୍ନିଶମ କର୍ମଚାରୀମାନେ ଛତ୍ରପୁର ମେଡିକାଲ ନେଇଥିଲେ। ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଏଭଳି ସେବା ମିଳୁ ନ ଥିବା ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଜିଲା ଉଚ୍ଚ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ସୁଭଦ୍ରା ଆବେଦନକାରୀଙ୍କ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

ପୁରୁଷୋତ୍ତମପୁର,୧୦।୯(ସୀମାଞ୍ଚଳ ମିଶ୍ର)

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆଧାରକାର୍ଡରେ ମୋବାଇଲ ନମ୍ବର ଅପଡେଟ କରିବା ଓ ଏହାର ସଂଶୋଧନ ଲାଗି ଆଧାରକାର୍ଡ ସେଣ୍ଟରମାନଙ୍କରେ ମହିଳାଙ୍କ ପ୍ରବଳ ଭିଡ଼ ହେଉଛି। ଏହାର ସୁଯୋଗ ନେଇ ପୁରୁଷୋତ୍ତମପୁରରେ ଥିବା ଆଧାର କାର୍ଡ ସେଣ୍ଟରରେ ମହିଳାମାନଙ୍କଠାରୁ ଅଧିକା ଟଙ୍କା ଠକି ନେଉଥିବା ଅଭିଯୋଗ ହୋଇଛି। ମୋବାଇଲ ଲିଙ୍କ୍, ଠିକଣା ସଂଶୋଧନ ଓ ବାୟୋମେଟ୍ରିକ ସଂଶୋଧନ ଏବଂ ନୂତନ ଆଧାରକାର୍ଡ କରିବା ଲାଗି ଦୁଇଶହରୁ ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି। ଏପରିକି ମହିଳାଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଗରିବ ଶ୍ରେଣୀର ଲୋକେ ବେଶି ଶୋଷଣର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏନେଇ ଆଧାର କାର୍ଡ ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିଲେ ଭୁବନେଶ୍ୱରର ଏକ କମ୍ପାନୀ ଏଠାରେ ସେଣ୍ଟର ଖୋଲିଛି। ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରାଯାଉଥିବା ଉତ୍ତର ଦେଉଛନ୍ତି।

ଅନ୍ୟପକ୍ଷରେ ଏହି ଖବର ମଙ୍ଗଳବାର ଧରିତ୍ରୀ ୱେବ୍ ପୋଟାଲରେ ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ପୋଲିସ ଷେତ୍ର୍ୟାଙ୍କ ନିକଟରେ

## ଧରିତ୍ରୀ ପ୍ରଭାବ

ଥିବା ଖୁସି ଅନ୍‌ଲାଇନ ସର୍ଭିସ ଆଧାର ସେଣ୍ଟରରେ ଚଢାଉ କରି ତନାଘନା କରିଛନ୍ତି। ସେଠାରେ ଥିବା କର୍ମଚାରୀଙ୍କୁ ତାଗିଦ୍ କରିଛନ୍ତି। ନିର୍ଦ୍ଧାରିତ ଫି'ଠାରୁ ଅଧିକ ଟଙ୍କା ନେଇଥିବା ମହିଳାଙ୍କୁ ଡାକି ତୁରନ୍ତ ସେମାନଙ୍କ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ନ ଫେରାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସାମଲ କହିଛନ୍ତି। ଏନେଇ ଭୁବନେଶ୍ୱରସ୍ଥିତ ରାଜ୍ୟ ୟୁଆଇଡିଏଆଇ (ଆଧାରକାର୍ଡ)ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଫୋନ ନଂ. ୦୬୭୪ ୨୯୧୫୨୧୭ରେ ପିଏସ୍‌ଏଓ ଦେବୀଦତ୍ତ ଗୋସ୍ୱାମୀଙ୍କୁ ପଚାରିବାରୁ ସେ କହିଲେ, ନୂତନ ଆଧାରକାର୍ଡ କରିବା ସମ୍ପୂର୍ଣ୍ଣ ମାଗଣା ରହିଥିବା ବେଳେ ମୋବାଇଲ ଲିଙ୍କ୍ ଲାଗି ଶହେ ଟଙ୍କା, ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ଲାଗି ଶହେ ଟଙ୍କା ଓ ଠିକଣା ସଂଶୋଧନ ଏବଂ ପରିବର୍ତ୍ତନ ଲାଗି ୫୦ ଟଙ୍କା ଫି'ରହିଛି। ଏହି ନିର୍ଦ୍ଧାରିତ ଫି'ଠାରୁ ଯଦି କୌଣସି ଆଧାର କାର୍ଡ ସେଣ୍ଟରରେ ଲୋକଙ୍କଠାରୁ ମନଇଚ୍ଛା ଅଧିକା ଫି' ଆଦାୟ କରାଯାଉଛି ସେନେଇ ଲିଖିତ ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ଗୋସ୍ୱାମୀ କହିଛନ୍ତି। ଏ ଦିଗରେ ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

# ଆଉଟ୍‌ସୋର୍ସିଂ ନର୍ସିଂ କର୍ମଚାରୀ ସଂଘର ସ୍ମାରକପତ୍ର

## ଛଟେଇ ନ କରି ପୁନଃନିଯୁକ୍ତି ଦାବି

ଛତ୍ରପୁର,୧୦।୯
(ସନ୍ତୋଷ ପାଢ଼ୀ /ଦିଲୀପ ସାମଲ)

ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ ନର୍ସିଂ କର୍ମଚାରୀ(ଜିଏନ୍‌ଏମ୍ ଓ ଏଏନ୍‌ଏମ୍)ଙ୍କ ଛଟେଇ ସମ୍ବନ୍ଧରେ ବିଚାର କରି ପୁନଃନିଯୁକ୍ତି ଦେବାପାଇଁ ଓଡ଼ିଶା ଆଉଟସୋର୍ସିଂ ନର୍ସିଂ କର୍ମଚାରୀ ୟୁନିଅନ ଗଞ୍ଜାମ ଜିଲା କମିଟି ଦାବି କରିଛି। ମଙ୍ଗଳବାର ଏ ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଉ ମାସକ ପାଇଁ କାମ କରିବାକୁ ଦିଆଯିବ ଏବଂ ତା'ପରେ ଛଟେଇ କରି ଦିଆଯିବ। ପରେ ନିୟମିତ ଭାବେ ନୂତନ ନିଯୁକ୍ତି କରାଯିବ ବୋଲି ନିଯୁକ୍ତିଦାତା ଏଜେନ୍ସିଠାରୁ ସୂଚନା ମିଳିଛି। ଏହାକୁ ସଂଘ ପକ୍ଷରୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଛଟେଇ ନିର୍ଦ୍ଦେଶନାମାକୁ ବାତିଲ କରି




ଜିଏନ୍‌ଏମ୍ ଓ ଏଏନ୍‌ଏମ୍‌ମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସମସ୍ତ ଛଟେଇ ଜିଏନ୍‌ଏମ ଓ ଏଏନଏମ କର୍ମଚାରୀଙ୍କୁ ପୁନଃ ଅବସ୍ଥାପିତ କରାଯିବା ପାଇଁ ଏଜେନ୍ସିର ଟେଣ୍ଡରକୁ ଦୀର୍ଘମିଆଦୀ କରିବା, ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବାର ବରିଷ୍ଠତା ଓ ଅଭିଜ୍ଞତାକୁ ଅଗ୍ରାଧିକାର ଦେଇ ଚୟନ କରିବା, ଡ଼ିଏମଏଫ ପାଣ୍ଠିର ଅଭାବ ଦର୍ଶାଇ ଛଟେଇ ବଦଳରେ ସ୍ୱାସ୍ଥ୍ୟ ବିଭାଗର ଅର୍ଥରେ ଖାଲି ଥିବା ପଦବୀରେ ନିଯୁକ୍ତି, ସରକାରଙ୍କ ଦ୍ୱାରା ଘୋଷିତ ୫ବର୍ଷର ଅଭିଜ୍ଞତା ଭିତ୍ତିକ ଦରମା ବୃଦ୍ଧି, ମାତୃତ୍ୱକାଳୀନ ଛୁଟି ଓ ବାର୍ଷିକ ୧୨ଟି ଛୁଟିକୁ ମଞ୍ଜୁର କରିବା, ଏଜେନ୍ସି ଦ୍ୱାରା ଇପିଏଫ ଇଏସଆଇ ବାବଦ ସମସ୍ତ ଅର୍ଥର ପୈଠ ସହ ମାସର ପ୍ରଥମ ସପ୍ତାହ ସୁଦ୍ଧା ଦରମା ପ୍ରଦାନ କରାଯିବା ବ୍ୟବସ୍ଥା କରିବା ଆଦି ଦାବି ରହିଛି ।

## ଅଙ୍ଗନୱାଡି କେନ୍ଦ୍ରକୁ ରାସ୍ତା ନାହିଁ

### ୭ମାସ ହେଲା ସରିଲାଣି ଗୃହ ନିର୍ମାଣ

ବୁଗୁଡା,୧୦।୯ (କାଳିଚରଣ ଦାଶ)

ଲକ୍ଷାଧିକ ଟଙ୍କା ବୟରେ ନିର୍ମାଣ ହୋଇଛି ଅଙ୍ଗନୱାଡି କେନ୍ଦ୍ର। ମାତ୍ର ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ରାସ୍ତା ନ ଥିବାରୁ ଆଜିଯାଏ ତାହା ଉଦ୍‌ଘାଟନ ହୋଇପାରିନାହିଁ। ଏପରି ଅବହେଳା ଦେଖିବା ମିଳିଛି ବୁଗୁଡ଼ା ସହରରେ। ବୁଗୁଡ଼ା ଏନଏସି ଅନ୍ତର୍ଗତ ୧୧ ନଂ. ୱାର୍ଡର ଅଙ୍ଗନୱାଡି ଶିଶୁମାନଙ୍କ ପାଇଁ ବେଙ୍ଗେଇ ବନ୍ଧ ନିକଟରେ ୭ ଲକ୍ଷ ଟଙ୍କା ବ୍ୟୟରେ କେନ୍ଦ୍ରର ଗୃହ ନିର୍ମାଣ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରଙ୍ଗ ଲାଗି ଓ ବିଦ୍ୟୁତ୍‌କରଣ ହୋଇନି। ବଡ଼ କଥା ହେଲା ଏହି କେନ୍ଦ୍ରକୁ ଯିବାକୁ ରାସ୍ତା ନାହିଁ। ରାସ୍ତା ନ ଥିବାରୁ ଉଦ୍‌ଘାଟନ ହୋଇ ନ ପାରି ୭ ମାସ ହେଲା ପଡିରହିଛି। ଏହି କେନ୍ଦ୍ରକୁ ଯିବା ପାଇଁ ଗଣ୍ଡାମଞ୍ଜି ସାହି ସମ୍ମୁଖରେ ଥିବା ଡ୍ରେନ ସହ ୬ ଫୁଟିଆ ରାସ୍ତା ପାଇଁ ଜାଗା ଚିହ୍ନଟ ହୋଇଛି। ତେବେ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ର ଚତୁଃପାର୍ଶ୍ୱ ଲଟା ବୁଦାରେ ପରିପୂର୍ଣ୍ଣ ହୋଇଗଲାଣି। ୧୧ ନଂ. ୱାର୍ଡରେ ଅଙ୍ଗନୱାଡିର ସ୍ଥାୟୀ କେନ୍ଦ୍ର ନ ଥିବାରୁ ପୂର୍ବରୁ ଅଙ୍ଗନୱାଡି କର୍ମୀଙ୍କ ଘରେ କେନ୍ଦ୍ର ଚାଲିଥିଲା। ପରେ ଏନଏସି ପକ୍ଷରୁ ଗତବର୍ଷ ସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବାଯାଏ ରଘୁନାଥ ସାହି କୋଠ ଘରେ କେନ୍ଦ୍ର ଚାଲୁ କରିବା ପାଇଁ ଏନଏସି କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଲେ। ଏହି କେନ୍ଦ୍ରରେ ୩୦ ଜଣ ଶିଶୁ ରହିଛନ୍ତି। ଉକ୍ତ କୋଠ ଘରଟି ଛୋଟ ହୋଇ ଥିବାରୁ ଶିଶୁମାନେ ଠିକରେ ବସି ପାଠପଢି ପାରୁନାହାନ୍ତି। ଏଠାରେ ଶୌଚାଳୟ ନାହିଁ କି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନାହିଁ। ଫଳରେ ଶିଶୁମାନେ ହଇରାଣ ହେଉଛନ୍ତି। ନିର୍ମିତ କେନ୍ଦ୍ରକୁ ରାସ୍ତା ନିର୍ମାଣ ପ୍ରତି ଏନଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କୁ ପଚାରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

## ନଳଯାତ୍ରାରେ ଦେବୀଙ୍କ ଗ୍ରାମ ପରିକ୍ରମା



ନଳକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

ଆସିକା,୧୦।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଅନ୍ତର୍ଗତ ନିମିନା ଗ୍ରାମରେ ମଙ୍ଗଳବାର ପାରମ୍ପରିକ ରୀତିରେ ନଳଯାତ୍ରା ପାଳିତ ହୋଇଯାଇଛି। ୩ଟି ନୂଆ ବାଉଁଶରେ ଶାଢୀ, ଚୁଡି, ସିନ୍ଦୁର, ଫୁଲମାଳ ଲଗାଇ ଠାକୁରାଣୀଙ୍କ ପ୍ରତୀକ ଭାବେ ଏହାକୁ ଗ୍ରାମଦେବତୀ ରତନେଇଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ୩ ଜଣ ଶ୍ରଦ୍ଧାଳୁ ଦେବୀଙ୍କ ପ୍ରତୀକ ଏହି ନଳକୁ ଧରି ବାଦ୍ୟବାଜଣା ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଗ୍ରାମ ଉପକଣ୍ଠ ରଙ୍ଗଚିଟିଆ ପାହାଡ ପାଦଦେଶରେ ପୂଜାପାଉଥିବା କନ୍ଧୁଣୀ ଦେବୀ ଓ ପାହାଡ ଉପରେ ବିଜେ ବନଦୁର୍ଗାଙ୍କ ପୀଠରେ ପହଞ୍ଚି ମାଜଣା, ପୂଜା, ହୋମଯଜ୍ଞ କରିବା ପରେ ପୁଣି ଗ୍ରାମଦେବତୀଙ୍କ ପୀଠରେ ଏହି ଯାତ୍ରା ସମାପ୍ତ ହୋଇଛି । ୩ ଠାକୁରାଣୀ ୩ ଭଉଣୀ । ସେମାନଙ୍କ କୃପା ହେଲେ ଗ୍ରାମର ଚାଷରେ ଉନ୍ନତି, ରୋଗ, ପୋକ ଦାଉରୁ ରକ୍ଷା ଓ ପଶୁପକ୍ଷୀଙ୍କ ସୁରକ୍ଷା ହେବ ବୋଲି ବିଶ୍ୱାସ ରଖି କେଉଁ ଆବାହମାନ କାଳରୁ ନଳଯାତ୍ରା ହୋଇଆସୁଛି । ସରପଞ୍ଚ ବିଦ୍ୟାନ୍ତି ଚର୍ଚ୍ଚି, ଶଶାଙ୍କ ଚର୍ଚ୍ଚି, ନରସିଂହ ନାୟକ, ଶିବ ନାୟକ, ପଞ୍ଚାନନ ପ୍ରଧାନ, ଭଗବାନ ଚର୍ଚ୍ଚି, କାମ ଚର୍ଚ୍ଚି, ପଞ୍ଚୁ ପ୍ରଧାନଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହି ଯାତ୍ରା ସମ୍ପର୍ଣ୍ଣ ହୋଇଛି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଖଜୁରିପଡ଼ା,୧୦।୯(ବିଦୁର ବେହେରା)

ଦୁଇଦିନ ଧରି ଚାଲିଥିବା ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଖଜୁରିପଡ଼ା ତହସିଲ ଅନ୍ତର୍ଗତ ବଲସକୁମ୍ପା ଗ୍ରାମର ଗଣେଶ ବାହୁକଙ୍କ ମାଟିଘର କାନ୍ଥ ଭାଙ୍ଗି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପରିବାରର ୩ ପ୍ରାଣୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘର ସମ୍ପର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ ଆସବାବପତ୍ର ଓ ଲୁଗାପଟା ନଷ୍ଟ ହୋଇଥିବା ପରିବାର ବର୍ଗ କହିଛନ୍ତି। ପ୍ରତିଦିନ କାମଦାମ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଗଣେଶ ଏବେ ଚିନ୍ତାରେ ପଡ଼ିଛନ୍ତି । ଖବରପାଇ ବଲସକୁମ୍ପା ରାଜସ୍ୱ ନୀରିକ୍ଷକ ଅଧିକାରୀ ସବିତା ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ସହାୟତା ଯୋଗାଇ ଦେବା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଭଞ୍ଜନଗରରେ ୨୦ରୁ ଊର୍ଦ୍ଧ୍ୱ ଶ୍ରବଣ ଯନ୍ତ୍ର ବଣ୍ଟନ

ଭଞ୍ଜନଗର,୧୦।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଓମ୍ ଶାନ୍ତି ଭବନ ପରିସରରେ ମଙ୍ଗଳବାର ଶ୍ରବଣ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନା, ରୋଟାରୀ ଇଣ୍ଟରନ୍ୟାଶନାଲର ମିଳିତ ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୨୦ରୁ ଊର୍ଦ୍ଧ୍ୱ ଶ୍ରବଣବାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରଯାଇଥିଲା। ଏଥିଲାଗି ଆୟୋଜିତ ସଭାକୁ ଶୂଳପାଣି ଶତପଥୀ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼ ସନ୍ତୋଷ କୁମାର ଆପଟ୍ଟ ଯୋଗଦେଇ ଏହିଭଳି କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାନର ଉପଯୁକ୍ତ ଯତ୍ନ ନେବା ଓ କେତେକ ନିୟମ ମାନିଲେ ଶ୍ରବଣ ସମସ୍ୟା ରହିବ ନାହିଁ ବୋଲି ମୁଖ୍ୟ




ଅତିଥି ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରୁଛନ୍ତି।

ଅତିଥି ଓ ଅନ୍ୟ ବକ୍ତାମାନେ କହିଥିଲେ। ଭଞ୍ଜନଗର ଓମ୍ ଶାନ୍ତି ଭବନର ମୁଖ୍ୟ ବ୍ରହ୍ମାକୁମାରୀ ସନ୍ତୋଷିନୀ ରାଜ ଯୋଗ ଉପରେ କହିଥିଲେ। ରୋଟାରୀ କ୍ଲବ କର୍ମକର୍ତ୍ତା ପଞ୍ଚାନନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନା କର୍ମକର୍ତ୍ତା ଡ. କାର୍ତ୍ତିକେଶ୍ୱର ଜେନା, ଦେବାଶିଷ ରଥ, ପ୍ରମୋଦ କୁମାର ଗୌଡ, ସୃଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଆଜକୁ ଏକ ବର୍ଷ ହେବ ଏହି କାର୍ଯ୍ୟକ୍ରମ ଗଞ୍ଜାମ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାରେ ଚାଲିଥିବା ବେଳେ ଏପରି ଆହୁରି ୫ ବର୍ଷ ଚାଲିବ।

# ଏନ୍‌ଏସିରେ ବୁଲିଲା ସୁଭଦ୍ରା ଯୋଜନା ସଚେତନତା ରଥ



କାଶୀନଗର, ୧୦।୯ (ଟି.କ୍ରିଷ୍ଣା ରାଓ)

ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କିତ ବାର୍ତ୍ତାକୁ ପ୍ରତି ଘରେ ପହଞ୍ଚାଇବା ପାଇଁ ସଚେତନତା ରଥ ପରିକ୍ରମା କରୁଛି। ଏହି ରଥ ମଙ୍ଗଳବାର କାଶୀନଗର ଏନଏସି ଅଞ୍ଚଳରେ ପହଞ୍ଚି ହିତାଧିକାରୀଙ୍କୁ ସଚେତନ କରିଛି। ଏହି ଅବସରରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଛକରୁ ଅଙ୍ଗନାୱାଡ଼ି କର୍ମୀଙ୍କ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ୱାର୍ଡ ବୁଲିଥିଲା। ସୁପରଭାଇଜର ଭାଗ୍ୟଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ ସ୍ଲୋଗାନ ଦେଇ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଚାରପତ୍ର ବାଣ୍ଟିଥିଲେ। ତେବେ ଏଥିପାଇଁ ଆବେଦନ ପ୍ରକ୍ରିୟା ସମ୍ପର୍ଣ୍ଣ ମାଗଣା ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅନେକ ମୋ ସେବା ଓ ଜନସେବା କେନ୍ଦ୍ର ଏଥିପାଇଁ ପ୍ରତ୍ୟେକ ଆବେଦନକାରୀଙ୍କଠାରୁ ୧୫୦ ରୁ ୨୦୦ ଲେଖାଏ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ଶୀତଳଭଣ୍ଡାର, ପୁନରୁଦ୍ଧାର ଚିନ୍ତା ନାହିଁ

ପାରଳାଖେମୁଣ୍ଡି,୧୦।୯(ଗିରିଧାରୀ ପରିଚ୍ଛା)

ସାତଟି ବ୍ଲକକୁ ନେଇ ଗଠିତ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ଗୋଟିଏ ମାତ୍ର ଶୀତଳଭଣ୍ଡାର ରହିଛି। ଏହି ଶୀତଳଭଣ୍ଡାର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହାକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ପ୍ରଶାସନ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଛୁଆ ଜିଲା ଭାବେ ପରିଚିତ ଗଜପତିରେ ଗୋଟିଏ ହେଲେ କଳକାରଖାନା ନାହିଁ। ଜିଲାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ସେମାନଙ୍କ ମଧ୍ୟରୁ କେତେକ ପନିପରିବା ଚାଷ କରୁଥିବା ବେଳେ ଜିଲାର ୫ଟି ବ୍ଲକ ଅଞ୍ଚଳରୁ ପ୍ରଚୁର ପରିମାଣରେ ତେନ୍ତୁଳି, ପଣସ, ଆମ୍ବ, ସପୁରି, କମଳା, ଲେମ୍ବୁ, ପିଜୁଳି, ମକା ଆଦି ଅମଳ ହୋଇଥାଏ। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ସୁରକ୍ଷିତ ଭାବେ

## ୧୯୬୬ରେ ନିର୍ମାଣ ହୋଇଥିଲା




ରଖିବା ଲାଗି ରହିଥିବା ଶୀତଳଭଣ୍ଡାର ଜରାଜୀର୍ଣ୍ଣ ହୋଇ ପଡିଥିବାରୁ ଏହା ଚାଷୀଙ୍କ କାମରେ ଲାଗୁନି। ଫଳରେ ଉତ୍ପାଦିତ ପନିପରିବା ଅବା ଅନ୍ୟାନ୍ୟ ତେନ୍ତୁଳି, ପଣସ, ଆମ୍ବ, ସପୁରି, କମଳା, ଲେମ୍ବୁ, ପିଜୁଳି, ମକା ଆଦିକୁ ଅଧିକ ଦିନଯାଏ ନିଜ ପାଖରେ ରଖି ନ ପାରି କମ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାର ୧୯୬୬ରେ ଏକ ଶୀତଳଭଣ୍ଡାର ପାରଳାଖେମୁଣ୍ଡିରେ ନିର୍ମାଣ କରିଥିଲେ। ଏଥିରେ ୬୫୦୦ କୁଇଣ୍ଟାଲ ସାମଗ୍ରୀ ରଖିବାର ସାମର୍ଥ୍ୟ ଥିଲା। ଚାଷୀମାନେ ସେତେବେଳେ ଏଠାରେ ନିଜ ଉତ୍ପାଦିତ ସାମଗ୍ରୀ ରଖି ଉପକୃତ ହେଉଥିଲେ। ବର୍ତ୍ତମାନ ଏହି ଶୀତଳଭଣ୍ଡାର ଅଚଳ ହୋଇପଡ଼ିଛି। ଯନ୍ତ୍ରପାତି ନଷ୍ଟ ହୋଇଯିବା ସହ କୋଠା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି। ଯଦି ଶୀତଳ ଭଣ୍ଡାରଟି କାର୍ଯ୍ୟକ୍ଷମ ଥାନ୍ତା ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ରଖିବା ସହ ଆଳୁ ପିଆଜ ଅମଳ ସମୟରେ କମ ଦରରେ କିଣି ଗଚ୍ଛିତ ରଖି ଆବଶ୍ୟକ ସମୟରେ ଖାଉଟିଙ୍କୁ ବିକ୍ରି କରାଯାଇପାରନ୍ତା। ସେହିପରି ଜିଲାରେ ପନିପରିବା ନିଅଣ୍ଟ ହେଉଥିବାରୁ ପଡ଼ୋଶୀ ଆନ୍ଧ୍ରରୁ ଆଣି ଏଠାରେ ବିକ୍ରି କରାଯାଉଛି। ଫଳରେ ପନିପରିବା ଦର ଏଠାରେ ଅଧିକାଂଶ ସମୟରେ ଅଧିକା ରହୁଛି। ଶୀତଳଭଣ୍ଡାର ଥିଲେ ଦରଦାମ ନିୟନ୍ତ୍ରଣ ହୋଇପାରନ୍ତା। ଗଜପତି ଜିଲାବାସୀ ଓ ଚାଷୀଙ୍କ ସୁବିଧା ପାଇଁ ରହିଥିବା ଶୀତଳଭଣ୍ଡାରର ପୁନରୁଦ୍ଧାର କିମ୍ବା ଏକ ନୂତନ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ ସକାଶେ ନିକଟରେ ଘୋଷଣା କରିଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# କ୍ଷତିପୂରଣ ଟଙ୍କା କମ୍ପାନୀ ନେବାକୁ ଧମକ

**କେନ୍ଦ୍ରାପଡ଼ାରେ ବାର୍ଡ ଫ୍ଲୁ ପ୍ରସଙ୍ଗ**

- କୁକୁଡ଼ା ମଡ଼କ ଏବେ ଚାଷୀଙ୍କ ମୁଣ୍ଡରେ ଚଡ଼କ
- ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ଦୃଷ୍ଟି ପାଇଁ ଦାବି

କେନ୍ଦ୍ରାପଡ଼ା, ୧୦।୯ (ଜଗନ୍ନାଥ ଧଳ)

ପୁରୀ ପରେ ଏବେ କେନ୍ଦ୍ରାପଡ଼ା ଜିଲା ବାର୍ଡ ଫ୍ଲୁ ପାଇଁ ହଟସ୍ପଟ ପାଲଟିଛି। ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଫାର୍ମରେ କୁକୁଡ଼ା ମରା ଚାଲିଛି। ଇତିମଧ୍ୟରେ ଫାର୍ମଗୁଡ଼ିକରୁ ପ୍ରାୟ ୮ ହଜାର କୁକୁଡ଼ା ମରାଯାଇଛି। ଏଥିସହ କୁକୁଡ଼ା ମାଂସ ଓ ଅଣ୍ଡା ନ ଖାଇବା ପାଇଁ ଜିଲାରେ ପ୍ରଚାର ଗାଡ଼ି ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି। ସେଣ୍ଟ୍ରାଲ ଟିମ ଜିଲାକୁ ଆସି ବାର୍ଡ ଫ୍ଲୁର ସ୍ଥିତି ପରଖିଛନ୍ତି। ବାର୍ଡ ଫ୍ଲୁରେ ଏହି କୁକୁଡ଼ା ମଡ଼କ ଏବେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ପୂର୍ବରୁ କୁକୁଡ଼ା ଚାଷୀଙ୍କ ଲାଭକୁ କମ୍ପାନୀ ହଡ଼ପ କରୁଥିବା ଅଭିଯୋଗ ହେଉଥିଲା। ଏବେ ସରକାରୀ ଭାବେ କୁକୁଡ଼ା ମରା ପାଇଁ ମିଳୁଥିବା କ୍ଷତିପୂରଣ ହଡ଼ପ ପାଇଁ କମ୍ପାନୀଗୁଡ଼ିକ ପକ୍ଷରୁ ଧମକ ମିଳିଲାଣି। ଛକ ବଜାରଠାରୁ ଗ୍ରାମାଞ୍ଚଳରେ କୁକୁଡ଼ା ମାଂସ ବିକ୍ରୟ କେନ୍ଦ୍ର ଭରପୂର ରହିଛି।

ଏ ସମ୍ପର୍କରେ ବାଲିଆର ପ୍ରବୀର ସିଂହ, କିଶୋର ରାଉତ, ଇନ୍ଦୁପୁରର କାଳିଆ ସାମନ୍ତରାୟ, କଂସାର ଗାଁର ଶୁଭାଶିଷ ଜେନା, ପାଖିଡ଼ ଗାଁର ରମାକାନ୍ତ ମଲ୍ଲିକ, ବାରିମୂଳର ସେକ୍ ହସନ ପ୍ରମୁଖ କୁକୁଡ଼ା ଫାର୍ମ ମାଲିକ କହିଛନ୍ତି, ବାର୍ଡ ଫ୍ଲୁ ଏବେ ଚାଷୀଙ୍କ ରୋଜଗାରକୁ ସମ୍ପୂର୍ଣ୍ଣ ବନ୍ଦ କରିଛି। ଫାର୍ମରେ ଚାଷ ପରେ କୁକୁଡ଼ା ବାବଦ ଲାଭ ମିଳିବା ଆଶା ନାହିଁ। ଅପରପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ କୁକୁଡ଼ାକୁ କାହିଁକି ମାରିବାକୁ ଦେଉଛ ଓ କ୍ଷତିପୂରଣ ବାବଦ ଟଙ୍କା ସେମାନଙ୍କୁ ଦେବାକୁ ଧମକ ମିଳିଛି। ଏପରିକି ଚୁକ୍ତି ସମୟରେ ଦିଆଯାଇଥିବା ଚେକ୍ ବ୍ୟାଙ୍କରେ ଲଗାଇବାକୁ ଧମକ ଦେଲେଣି। ଜିଲାର କୁକୁଡ଼ା ଫାର୍ମରେ କେତେଗୋଟି ରାଜ୍ୟ ଓ ରାଜ୍ୟ ବାହାରର କମ୍ପାନୀ ଅର୍ଥ ନିବେଶ କରିଛନ୍ତି। ଏହି କମ୍ପାନୀମାନେ ଚିଆଁଠାରୁ ଆରମ୍ଭ କରି ଦାନା ଔଷଧ ଆଦି ଯୋଗାଇଥାନ୍ତି। ଚାଷୀ କେବଳ ଫାର୍ମ ଘର, ବିଜୁଳି, ପାଣି ଓ ମାନବ ସମ୍ବଳ ବ୍ୟୟ କରୁଛି। ଚାଷୀମାନେ ଫାର୍ମରେ ଦାୟିତ୍ୱର ସହ କୁକୁଡ଼ାକୁ ରକ୍ଷଣାବେକ୍ଷଣ କରିବା ପରେ କେଜି ପ୍ରତି ୩ରୁ ୫ଟଙ୍କା ପାଉଛି। କୁକୁଡ଼ାର ଦର ବୃଦ୍ଧି ସହ ଚାଷୀଙ୍କ କୌଣସି ସମ୍ପର୍କ ନାହିଁ। ଅର୍ଥ ଖଟାଇଥିବା କମ୍ପାନୀ ଠିକଣା ସମୟରେ ଔଷଧ ଓ ଦାନା ଆଦି ପ୍ରଦାନ କରିଥାନ୍ତି। କୁକୁଡ଼ା ପ୍ରାୟ ଦେଢ଼ କେଜି ହୋଇଗଲେ କମ୍ପାନୀ କର୍ତ୍ତୃପକ୍ଷ ତାହାକୁ ସଂଗ୍ରହ କରି ରାଜ୍ୟ ଓ ବାହାର ରାଜ୍ୟକୁ ନେଇ ବିକ୍ରି କରିଥାଏ। ଚାଷୀଙ୍କୁ କୁକୁଡ଼ା ବିକ୍ରି ପାଇଁ କୌଣସି ଅନୁମତି ନାହିଁ। ଚାଷ ଆରମ୍ଭରୁ କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ଚାଷୀଙ୍କ ସହ ଚୁକ୍ତି କରୁଛନ୍ତି। ଏହି ଚୁକ୍ତି ସମୟରେ କମ୍ପାନୀଗୁଡ଼ିକ ଫାର୍ମ ମାଲିକଙ୍କଠାରୁ ଆଗୁଆ କ୍ଷତିଭରଣା ପାଇଁ ୫ଟି ଲେଖାଏ ବ୍ୟାଙ୍କ ଚେକ ନେଇଛନ୍ତି। ଏବେ କୁକୁଡ଼ା ମାରିବା ପରେ କ୍ଷତିପୂରଣ ବାବଦ ଟଙ୍କା ସରକାର ଚାଷୀଙ୍କୁ ଦେବାକୁ ସ୍ଥିର ହୋଇଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ବାବଦ ଟଙ୍କା ସେମାନଙ୍କୁ ନ ମିଳିଲେ ଚୁକ୍ତି ସମୟର ଚେକ ବ୍ୟାଙ୍କରେ ଲଗାଇବେ ବୋଲି ଧମକ ଦେଇଛନ୍ତି। ଫଳରେ ଲାଳନ ପାଳନ ଖର୍ଚ୍ଚ ଅର୍ଥ ମିଳିବା ସମ୍ଭବ ନୁହେଁ। କୁକୁଡ଼ା ଚାଷ କରି ଆତ୍ମନିର୍ଭର ହେବା ପାଇଁ ସରକାରୀ ରିହାତିରେ କୁକୁଡ଼ା ଫାର୍ମ କରିଥିଲେ ମଧ୍ୟ ଚାଷୀମାନେ କମ୍ପାନୀ କବଳକୁ ଚାଲି ଯାଇଛନ୍ତି। ଯଦି କୌଣସି ଚାଷୀ କମ୍ପାନୀର ସର୍ତ୍ତ ମାନିବାକୁ ରାଜି ନୁହେଁ, ତେବେ ଏହି କମ୍ପାନୀ କର୍ତ୍ତୃପକ୍ଷ ଚିଆଁଠାରୁ ଆରମ୍ଭ କରି ଔଷଧ, ଦାନା ଆଦିକୁ ଚଢ଼ା ଦରରେ କିଣିବାକୁ ବାଧ କରୁଛନ୍ତି। ଏଥିପ୍ରତି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ମଧ୍ୟାହ୍ନଭୋଜନ, ଅଙ୍ଗନୱାଡିରେ ଅଣ୍ଡା ବନ୍ଦ

ଡେରାବିଶ,୧୦।୯ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ବାର୍ଡ ଫ୍ଲୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସୋମବାରଠାରୁ ବ୍ଲକ ଅଞ୍ଚଳରେ ଚିକେନ ଓ ଅଣ୍ଡା ଖାଇବା ଉପରେ କଟକଣା ଜାରି କରାଯାଇଛି। ଏଥିପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯିବା ସହ ଚିକେନ ଓ ଅଣ୍ଡା ବିକ୍ରି ଉପରେ ମଧ୍ୟ ରୋକ ଲଗାଯାଇଛି। ତେବେ ବ୍ଲକ ଅଧୀନରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ବୁଧବାରଠାରୁ ଛାତ୍ରୀଛାତ୍ରଙ୍କ ମାଧ୍ୟାହ୍ନ ଭୋଜନରେ ଅଣ୍ଡା ତରକାରିକୁ ନିଷିଦ୍ଧ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି। ବେହେରାଙ୍କ ସୂଚନା ଅନୁଯାୟୀ, ବାର୍ଡ ଫ୍ଲୁ ସଂକ୍ରମଣ ଜଣାପଡ଼ିବା ପରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ ଓ ଜିଲା ଶିକ୍ଷାଧରକାରୀ ପ୍ରଦୀପ କୁମାର ନାଗଙ୍କ ସହ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଅଣ୍ଡା ପରିବର୍ତ୍ତେ ମାଧ୍ୟାହ୍ନ ଭୋଜନରେ ଡାଲମା, ସୋୟା ବଡ଼ି, ମିକଶ୍ଚର ତରକାରି ଛାତ୍ରୀଛାତ୍ରମାନଙ୍କୁ ଦେବା ପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଆଙ୍ଗନୱାଡିରେ ଶିଶୁ ଓ ଗଭବତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅଣ୍ଡାକୁ ବନ୍ଦ କରି ଦିଆଯାଇଥିବା ନେଇ ବିବାଗୀୟ ସୂଚନାରୁ ଜଣାଯାଇଛି।

# ନିମ୍ନମାନର ଛତୁଆ ପ୍ରସ୍ତୁତ ଅଭିଯୋଗ

- ବାଦାମ ଲଡୁ, ଖଜୁରି କୋଳିରେ ବାଲି, ଗୋଡ଼ି ମିଶୁଛି
- ଏସ୍ଏଚ୍ଜି ନାଁରେ ଟେଣ୍ଡର, ପ୍ରସ୍ତୁତ କରୁଛନ୍ତି ଅନ୍ୟବ୍ୟକ୍ତି
- ଅଭିଯୋଗ ପରେ ହେଉନି କାର୍ଯ୍ୟାନୁଷ୍ଠାନ



କୋରେଇ,୧୦।୯(ଚନ୍ଦ୍ରକାନ୍ତ ପତି):

ଗର୍ଭବତୀ ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ଛତୁଆ ପ୍ରସ୍ତୁତ କରାଯାଉଛି। ହେଲେ ଯେଉଁ ସ୍ୱୟଂସହାୟିକା ଗୋଷ୍ଠୀ(ଏସ୍ଏଚ୍ଜି)ଙ୍କୁ ଛତୁଆ ପ୍ରସ୍ତୁତ କରିବାକୁ ଟେଣ୍ଡର ମିଳୁଛି ସେମାନେ ଏହାକୁ ପ୍ରସ୍ତୁତ ନ କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଅନ୍ୟବ୍ୟକ୍ତିଙ୍କୁ ଏହାର ପ୍ରସ୍ତୁତି ଦାୟିତ୍ୱ ଦେଉଛନ୍ତି। ଫଳରେ ସମ୍ପୃକ୍ତ ବ୍ୟକ୍ତିମାନେ ମୋଟା ଅର୍ଥ ଲୋଭରେ ପୁଷ୍ଟିକର ଖାଦ୍ୟନାଁରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରି ମାସିକ ଲକ୍ଷାଧିକ ଟଙ୍କା ହଡ଼ପ କରୁଛନ୍ତି। କୋରେଇ ବ୍ଲକରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି।

ଏହି ବ୍ଲକର ୨୪୦ ଅଙ୍ଗନୱାଡି କେନ୍ଦ୍ର ଅଧୀନ ସମସ୍ତ ଗର୍ଭବତୀ ଏବଂ ଶିଶୁଙ୍କୁ ଛତୁଆ, ଅଣ୍ଡା, ଖଜୁରି, ସୋଲା, ବାଦାମ ଓ ଲଡୁ ଆଦି ଯୋଗାଇ ଦେବାକୁ ୨ ଏସଏଚ୍ଜିଙ୍କୁ ଟେଣ୍ଡର ମିଳିଛି। ମାତ୍ର ବାସ୍ତବରେ ସେମାନେ ଏହାକୁ ପରିଚାଳନା ନ କରି ଅନ୍ୟ ୨ ବ୍ୟକ୍ତିଙ୍କୁ ପରିଚାଳନା ଦାୟିତ୍ୱ ଦେଇଛନ୍ତି। ସେହି ୨ ବ୍ୟକ୍ତି ଅତ୍ୟନ୍ତ ନିମ୍ନମାନର ଛତୁଆ ପ୍ରସ୍ତୁତ କରି ଅଙ୍ଗନୱାଡିଗୁଡ଼ିକୁ ବିତରଣ କରୁଛନ୍ତି। ଛତୁଆ ପ୍ୟାକେଟଗୁଡ଼ିକ ଏତେ ନିମ୍ନମାନର ଯେ ପାଟିରେ ପୂରାଇବା ସମ୍ଭବ ହେଉନାହିଁ। କେତେକ ସ୍ଥାନରେ ଗର୍ଭବତୀ ଓ ଶିଶୁ ଏହାକୁ ନ ଖାଇ ଗୃହପାଳିତ ପ୍ରାଣୀଙ୍କୁ ଖାଇବାକୁ ଦେଉଛନ୍ତି।

କିଛିଦିନ ତଳେ ଭାଜପା ବିଧାୟକ ଆକାଶ ଦାସ ନାୟକ ଏବଂ ସିଦ୍ଧାନ୍ତ ମହାପାତ୍ର ଏହାକୁ ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ତଥାପି ଗର୍ଭବତୀ ଓ ଶିଶୁଙ୍କୁ ଖାଦ୍ୟ ବଣ୍ଟନରେ ସ୍ୱଚ୍ଛତା ଆସିପାରୁନାହିଁ। ତଥ୍ୟ ଅନୁଯାୟୀ ୧ କୁଇଣ୍ଟାଲ ଗହମରେ ୧୫ କିଲୋ ବାଦାମ, ୨୦ କିଲୋ ବୁଟ, ୨୫ କିଲୋ ଚିନି ମିଶାଇ ଛତୁଆ ପ୍ରସ୍ତୁତ କରିବା କଥା। ହେଲେ ବାସ୍ତବରେ ଅତ୍ୟଧିକ ଗହମରେ ସାମାନ୍ୟ ଚିନି, ବୁଟ, ବାଦାମ ମିଶାଇ ଏହାକୁ ପ୍ରସ୍ତୁତ କରାଯାଉଛି। ଏଥିସହିତ ଛତୁଆରୁ ଅତିମାତ୍ରାରେ ଚୋକଡ଼ ବାହାରୁଥିବା ଦେଖିବାକୁ ମିଳୁଛି। ସେହିପରି ବାଦାମ ଲଡୁ ଓ ଖଜୁରୀ କୋଳିରେ ବ୍ୟାପକ ମାତ୍ରାରେ ବାଲି, ଗୋଡ଼ି ମିଶୁଥିବା ଦେଖିବାକୁ ମିଳୁଛି। ଫଳରେ ଏହି ଖାଦ୍ୟ ଖାଇ ଅପପୁଷ୍ଟିର ଶିକାର ହେବା ନେଇ ମହିଳା ଓ ଶିଶୁଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମଧ୍ୟ ଏହାର ଯାଞ୍ଚ କରାଯାଉନାହିଁ। ଯେତେ ଅଭିଯୋଗ କଲେ ମଧ୍ୟ ସାଧାରଣ ଲୋକଙ୍କ କଥାକୁ କେହି ସରକାରୀ ବାବୁ କର୍ଣ୍ଣପାତ କରୁନାହାନ୍ତି ବରଂ ପ୍ରସ୍ତୁତକାରୀ ବ୍ୟକ୍ତିଙ୍କଠାରୁ ମାସିକ ମୋଟା ଅଙ୍କର ଅର୍ଥନେଇ ବିଭାଗୀୟ ଅଧିକାରୀ ତାଙ୍କୁ ସହଯୋଗ କରିଆସୁଛନ୍ତି। ବ୍ଲକ୍‌ରେ ଏହି ୨ ଏସ୍ଏଚ୍ଜିକୁ ପ୍ରାୟ ୫ ବର୍ଷ ହେବ ଛତୁଆ ପ୍ରସ୍ତୁତ କରିବାକୁ ଟେଣ୍ଡର ମିଳିଥିବାବେଳେ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଲାଭଖୋର ମନୋଭାବ ପାଇଁ ପୁନଃଟେଣ୍ଡର ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୋରେଇ ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଶକୁନ୍ତଳା ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପାଳ ଚାହିଁଲେ ଏଥିରେ ସୁଧାର ଆସିବ।

## ପାରାଦୀପରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ

ପାରାଦୀପ,୧୦।୯(ଶରତ ରାଉତ)

ପାରାଦୀପ ବନ୍ଦର ସହରରେ ମଙ୍ଗଳବାର ୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ସରକାରୀ ବିଜୁ ମେମୋରିଆଲ ହସ୍ପିଟାଲରେ ଜଣେ ଚିକିତ୍ସିତ ହେଉଥିବାବେଳେ ଆଉ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି।

ଦୁଇ ଜଣଙ୍କ ମଧ୍ୟରେ ଜଣେ ଟ୍ରକ୍ ଚାଳକ ଥିବା ବେଳେ ଅନ୍ୟ ଜଣକ କଲେଜ ଛାତ୍ର ବୋଲି ଜଣାପଡ଼ିଛି। ଉଭୟଙ୍କ ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକରେ। ଟ୍ରକ୍ ଚାଳକ ଜଣକ ଅଧିକାଂଶ ସମୟ ଗାଡ଼ିରେ ରୁହନ୍ତି। କିଛି ଦିନ ହେବ ସେ ଘରେ ଥିଲେ। ୩ ଦିନ ତଳେ ଜ୍ୱର ହୋଇଥିଲା। ମଙ୍ଗଳବାର ବିଜୁ ମେମୋରିଆଲ ହସ୍ପିଟାଲରେ ଡାକ୍ତର ପରାମର୍ଶ କରିବା ପରେ ବ୍ଲଡ ଟେଷ୍ଟ କରାଇଥିଲେ। ସେଥିରେ ଡେଙ୍ଗୁ ପଜିଟିଭ ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ସେହିପରି ଛାତ୍ରଙ୍କର ଜ୍ୱର ଭଲ ନ ହେବାରୁ ସେ ବ୍ଲଡ ଟେଷ୍ଟ କରିଥିଲେ ତାହା ପଜିଟିଭ ବାହାରି ଥିଲା ବୋଲି ହସ୍ପିଟାଲ କର୍ମଚାରୀ କୁହନ୍ତି।

ସୂଚନାଯୋଗ୍ୟ, ଅଗଷ୍ଟରେ ସ୍ୱାୟତ୍ତ ଶାସନ ଦିବସ ପାଇଁ ସମୂହ ସଫେଇ ଅଭିଯାନ କରାଯାଇଥିଲା। ଏଥିସହ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ଏହାସତ୍ତ୍ୱେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କୁହନ୍ତି, ଯେଉଁମାନଙ୍କର ଚିହ୍ନଟ ହୋଇଛି ସେମାନେ ପୌରାଞ୍ଚଳ ମଧ୍ୟରେ ରୁହନ୍ତି ନାହିଁ। ତଥାପି ଆମେ ସତର୍କତା ଅବଲମ୍ବନ କରି ପ୍ରତିକାର ମୂଳକ ପଦକ୍ଷେପ ନେବୁ।

## ସେଲ୍ଫି କର୍ନରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅରୁଣ



@ ବିକାଶ



@ ବିଶ୍ୱଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


































# ଘୋଷଣାରେ ଅଟକିଲା ସହରାଞ୍ଚଳ ମାନ୍ୟତା

## ନିର୍ବାଚନ ପୂର୍ବରୁ ଘୋଷଣା କରାଯାଇଥିଲା

ନୟାଗଡ଼,୧୦।୯(ଲୋକନାଥ ମିଶ୍ର)

ନିର୍ବାଚନ ପୂର୍ବରୁ ବିଜେଡି ସରକାର ନୟାଗଡ଼ ଜିଲାର କେତେକ ଅଞ୍ଚଳକୁ ଏନଏସି ମାନ୍ୟତା ପ୍ରଦାନ କରିଥିଲେ। ନିର୍ବାଚନ ପରେ ଅନ୍ୟ କିଛି ଅଞ୍ଚଳକୁ ସେହି ମାନ୍ୟତା ମିଳିବ ବୋଲି ଜିଲା ପ୍ରଶାସନ ମାଧ୍ୟମରେ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ସରକାର ବଦଳିବା ପରେ ଏନଏସି ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଇଛି। ବିଧାନସଭାରେ ମଙ୍ଗଳବାର ସରକାର କହିଛନ୍ତି ନୂଆ ଏନଏସି ଗଠନ ପ୍ରସ୍ତାବ ରହିଛି। ନୟାଗଡ଼ ଜିଲାରେ ଏନ୍‌ଏସି ଘୋଷଣାକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ବିବାଦ ଧୀରେ ଧୀରେଆନ୍ଦୋଳନର ରୂପ ନେବାକୁ ବସିଛି ।

## ଏନଏସିର ମାନ୍ୟତା ପରେ ବି ଅଣଦେଖା

୨୦୨୪ ନିର୍ବାଚନ ପୂର୍ବରୁ ନୟାଗଡ଼ ଜିଲାର କଣ୍ଟିଲୋ ଓ ଶରଣକୁଳକୁ ଏନ୍‌ଏସି ମାନ୍ୟତା ମିଳିଥିଲା। ଏନ୍‌ଏସି ମାନ୍ୟତା ପରେ ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରି କି ଅସ୍ଥାୟୀ କାର୍ଯ୍ୟାଳୟଟିଏ ଖୋଲି ନ ଥିବାବେଳେ ଏହାର ନିର୍ବାହୀ ଅଧିକାରୀ କି କୌଣସି କର୍ମଚାରୀ ନିଯୁକ୍ତି ପାଇ ନାହାନ୍ତି । ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ସରକାର ଫେବୃଆରୀ ୨୩ରେ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନଏସି) ଭାବେ ଘୋଷଣା କରିଥିଲେ । ଏନଏସି ମାନ୍ୟତା ପରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ କଣ୍ଟିଲୋ ନାଗରିକ ମଞ୍ଚର କର୍ମକର୍ତ୍ତା, ସଦସ୍ୟ, ଜନ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ଅପରପକ୍ଷେ ଓଡିଶାର ଅନ୍ୟତମ ଶୈବପୀଠ ଲଡୁବାବାଙ୍କ ପୀଠ ଶରଣକୁଳକୁ ଏନଏସି ମାନ୍ୟତା ମିଳିବା ପରେ ଶରଣକୁଳ ଓ ହରିହରପୁର ପଞ୍ଚାୟତବାସୀ ଖୁସି ହୋଇଥିଲେ ।

## ଓଡ଼ଗାଁ ଏନ୍‌ଏସିରେ ନିର୍ବାଚନ ହେଲାନି

ଓଡ଼ଗାଁ ୧୭ ଅଗଷ୍ଟ ୨୦୧୭ରେ ଏନ୍‌ଏସିର ମାନ୍ୟତା ପାଇଛି । ଇତିମଧ୍ୟରେ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ନିର୍ବାଚନ ନ କରାଇବା ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନଏସି ମାନ୍ୟତା ପାଇବା ପରେ ୫ ଡିସେମ୍ବର ୨୦୧୭ରେ ୱାର୍ଡ ଗଠନରେ ଅନିୟମିତତା ଦର୍ଶାଇ ହାଇକୋର୍ଟରେ ପିଟିସନ କରାଯାଇଥିଲା। ପରେ ହାଇକୋର୍ଟରେ ଷ୍ଟେ (ମଧ୍ୟବର୍ତ୍ତୀକାଳୀନ ଆଦେଶ) ହୋଇ ସାଢ଼େ ୬ ବର୍ଷ ରହିଥିଲେ ବି ଏଯାବତ ପଦକ୍ଷେପ ନିଆଯାଇ ନାହିଁ । ସୁପ୍ରିମକୋର୍ଟର ରୁଲିଂ ଅନୁସାରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ୬ମାସରୁ ଅଧିକ ରହି ପାରିବନି । ତେବେ ଓଡ଼ଗାଁ ଏନଏସି ସମ୍ପର୍କରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ କିପରି ୬ମାସରୁ ଅଧିକ ହେଲା ରହିଛି ତାହା ବୁଝାପଡୁନି । ଏଭଳି ସ୍ଥଳେ ହାଇକୋର୍ଟରେ ମାମଲା ବିଚାରଧୀନ ଦର୍ଶାଇ ନିର୍ବାଚନ କରାଯାଉନାହିଁ, ଯାହାକି ଅସନ୍ତୋଷ ଓ ଉଦ୍‌ବେଗର କାରଣ ହୋଇଛି । ୨୦୨୩ରେ ରାଜ୍ୟର ସମସ୍ତ ପୌରାଞ୍ଚଳରେ ନିର୍ବାଚନ ହୋଇଥିବାବେଳେ କେବଳ ଓଡ଼ଗାଁ ଏନଏସି ବାଦ୍ ପଡିଥିଲା।

### ସୁନାଖଳା ଏନଏସି ଘୋଷଣାକୁ ୩ମାସ କଣ୍ଟ

ରଣପୁର ବ୍ଲକର ସୁନାଖଳାକୁ ଏନ୍‌ଏସି କରିବାକୁ ବହୁଦିନରୁ ଦାବି ହୋଇ ଆସଥିଲା। ତେବେ କଣ୍ଟିଲୋ ଓ ଶରଣକୁଳକୁ ଏନଏସି ମାନ୍ୟତା ପରେ ବି ସୁନାଖଳା ଅଣଦେଖା ହେବା ପରେ ଗତ ମାର୍ଚ୍ଚ ୧୯ରୁ ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ଦାବିରେ ଆମରଣ ଅନଶନ ହୋଇଥିଲା । ଅନଶନର ୪ର୍ଥ ଦିବସରେ ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାଶ ପହଞ୍ଚି ୩ମାସ ମଧ୍ୟରେ ଏନ୍‌ଏସି ଗଠନର ପ୍ରକ୍ରିୟା ଆରମ୍ଭ ହେବବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଜିଲା ପ୍ରଶାସନର କଣ୍ଟ ୩ ମାସ ଯାଇ ୪ମାସ ବିତି ଯିବାକୁ ବସିଥିବାବେଳେ ପ୍ରସାସନିକ ଓ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇ ନାହିଁ ବୋଲି ଅଭିଯୋଗ ହୋଇଛି ।

# ସମବାୟ ବ୍ୟାଙ୍କ ଫେରାଇଲା ସମିତି ଜମା ଟଙ୍କା

ଓଡ଼ଗାଁ,୧୦।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ସମବାୟ ବ୍ୟାଙ୍କ ଅଧୀନ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଗୌଡପୁଟ ସେବା ସମବାୟ ସମିତିର ପରିଚାଳନା କମିଟିର ଅଜାଣତରେ ସମିତି ଖାତାରୁ ଉଠାଇ ନେଇଥିବା ଲକ୍ଷାଧିକ ଟଙ୍କା ଫେରାଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା ।

ସୂଚନା ଅନୁଯାୟୀ, ଉକ୍ତ ସମିତିର ପରିଚାଳନା କମିଟିକୁ ନ ଜଣାଇ ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜଣେ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ବାବଦ ୧,୩୮,୮୩୮ ଟଙ୍କା ସମିତିର ଜମା ଖାତା (ନଂ.୨୩୬/୧)ରୁ ଗତ ମାସ ୫ ତାରିଖରେ ମନଇଚ୍ଛା ଉଠାଇ ନିଆଯାଇଥିଲା। ଏ ସଂକ୍ରାନ୍ତରେ ପରିଚାଳନା କମିଟି ଜାଣିବ ପରେ ସଭାପତି ନିତ୍ୟାନନ୍ଦ ପ୍ରଧାନ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଶାଖା ପରିଚାଳକଙ୍କୁ ପଚରାଉଚୁରା କରିଥିଲା। ଏନେଇ ପରିଚାଳନା କମିଟି ଅଜାଣତରେ ଲକ୍ଷାଧିକ ଟଙ୍କା ଉଠାଣ ଶୀର୍ଷକ ରିପୋର୍ଟ ଗତ ମାସ ୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା । ପୋଲିସର ପଚରାଉଚୁରା ବେଳେ ଶାଖା ପରିଚାଳକ ପୋଲିସକୁ ୭ ଦିନ ସମୟ ମାଗିଥିବା ବେଳେ ମାସାଧିକ ସମୟ ବିତିଯାଇଥିଲା । ଫଳରେ ସ୍ଥାନୀୟ ପୋଲିସ ଏନେଇ ପୁନଃ ଶାଖା ପରିଚାଳକଙ୍କୁ ପଚାରିବାରେ ସେ ତୁରନ୍ତ ସମବାୟ ସମିତି ଟଙ୍କା ଫେରାଇଦେବାକୁ କହିଥିଲେ । ଏପରି କି ଶାଖା ପରିଚାଳକ ଜଗନ୍ନାଥ ସାହୁ ସବୁ ନିୟମାନୁସାରେ ଟଙ୍କା ଉଠାଣ କରିଥିବା କହିଥିଲେ । ଏପରିସ୍ଥଳେ ବିରଜା କିଶୋର ମହାପାତ୍ରଙ୍କ ଗ୍ରାଚ୍ୟୁଇଟି ବାବଦ ଫେରସ୍ତ ଟଙ୍କା ଦର୍ଶାଇ ସମସ୍ତ ୧,୩୮,୮୩୮ ଟଙ୍କା ଗୌଡପୁଟ ସେବା ସମବାୟ ସମିତିର ଜମା ଖାତା (ନଂ. ୨୩୬/୧)ରେ ଗତ ୩୧ ତାରିଖରେ ଶାଖା ପରିଚାଳକ ଜମା କରିଥିବା ନେଇ ୨୬୯ ନମ୍ବର ଚିଠିରେ ଜଣାଇଥିଲେ । ହେଲେ ମଙ୍ଗଳବାର ହିଁ ସେ ଏ ବାବଦ ଟଙ୍କା ଚେକ୍ ଆକାରରେ ଫେରାଇଥିବା ସଭାପତି ପ୍ରଧାନ କହିଛନ୍ତି।

# ୭୦ ଅଭିଯୋଗରୁ ୫ ତତ୍କାଳ ସମାଧାନ

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

ଓଡ଼ଗାଁ,୧୦।୯(ଆଦର୍ଶ କୁମାର ପଟ୍ଟନାୟକ)


ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼ ଜିଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସହିତ ଏସ୍‌ଡିପିଓ ସୁଧାକର ସାହୁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୭୦ ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୬୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩ ଗ୍ରାମବାସୀଙ୍କ ସାମୁହିକ ଓ ୧ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ଥିଲା। ଶିବିରରେ ୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ହେଲେ ଜାମୁସାହିର ଜଣେ ଭିନ୍ନକ୍ଷମ ଏକ ଗଣ୍ଡଗୋଳ ମାମଲାକୁ ଥାନାରେ ପଞ୍ଜିକୃତ କରିବାକୁ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ଦେଇଥିଲେ । ବ୍ୟକ୍ତିଗତ ଅଭିଯୋଗରେ ଭତ୍ତା, ଆବାସ ଓ ରାଶନ କାର୍ଡ ସମସ୍ୟା ରହିଥିଲା । ମାମଲାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ସହିତ ଜିଲାର ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗ ଦେଇ ଅଭିଯୋଗ ଶୁଣିଥିଲେ। ମଧ୍ୟାହ୍ନ ଭୋଜନ ନିମନ୍ତେ ବିଦ୍ୟାଳୟରେ ନିୟୋଜିତ ଥାଇ ମାତ୍ର ୨ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଥିବା ପାଚିକା ଓ ସହାୟିକା ସୁଭଦ୍ରା ଯୋଜନା ପାଇଁ ଆବେଦନ ସମ୍ବନ୍ଧରେ ଖବରଦାତାଙ୍କ ପ୍ରଶ୍ନରେ ଜିଲାପାଳ ସେମାନଙ୍କ ରାଶନ କାର୍ଡ ଥିଲେ ଆବେଦନ କରି ପାରିବେ ବୋଲି କହିଥିଲେ । ଏହା ସହିତ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ଚାଳରୁ ପାଣି ଗଳୁଥିବା ନେଇ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କ ମରାମତି ନିମନ୍ତେ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

# ଭାଙ୍ଗିଲା ସଂସାର ଯୋଡ଼ିବ କିଏ ମଞ୍ଚସ୍ଥ

ନୟାଗଡ଼,୧୦।୯(ଲୋକନାଥ ମିଶ୍ର)

ଗଣେଶ ପୂଜା ଉପଲକ୍ଷେ ଶରଣକୁଳ ନିକଟସ୍ଥ ବାଲିସାହି ଗ୍ରାମରେ ୩ଦିନ ବ୍ୟାପୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ନବଜ୍ୟାତି ଯୁବକସଂଘ ଦ୍ୱାରା ପ୍ରସ୍ତୁତ ସାମାଜିକ ନାଟକ ଭାଙ୍ଗିଲା ସଂସାର ଯୋଡିବ କିଏ ମଞ୍ଚସ୍ଥ ହୋଇଥିଲା। ଗ୍ରାମ ସଭାପତି ଜୟକିଶୋର ପ୍ରଧାନ ଏହି ନାଟକକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ରଣପୁର ବିଧାୟକ ତଥା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନୀତ ଅତିଥି ସରପଞ୍ଚ ସୁକାନ୍ତି ପ୍ରଧାନ, ସମିତିସଭ୍ୟ ଭଗବାନ ପ୍ରଧାନ, ବ୍ଲକ ସଭାପତି ପ୍ରଦୀପ ସ୍ୱାଇଁ,ସମ୍ପାଦକ ସର୍ବେଶ୍ୱର ସ୍ୱାଇଁ, ବରିଷ୍ଠ ସଭ୍ୟ ବାଳକୃଷ୍ଣ ପ୍ରଧାନ, ସୁମନ୍ତ ପ୍ରଧାନ, କୈଳାଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କବି ପରମାନନ୍ଦ ସ୍ୱାଇଁ ପାରିଚାଳନା କରିଥିଲେ । ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ମାଷ୍ଟର ଟୁକୁ ସାହୁ। ଏହି ଅବସରରେ ଶିକ୍ଷକ ପରମାନନ୍ଦ ସ୍ୱାଇଁଙ୍କୁ ଗାଁ ପ୍ରତିଭା–୨୦୨୪ ଉପାଧୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅରୁଣ


@ ବିକାଶ


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


































